## ସଂକ୍ଷେପରେ

### ଟ୍ରେନ ଧକ୍କାରେ ଛେଳି ଜଗୁଆଳି ମୃତ

**କାଶୀନଗର, ୧୮।୧(ଡି.ଏନ୍.ଏ.):** ଗଜପତି ଜିଲା କାଶୀନଗରଠାରେ ଟ୍ରେନ ଧକ୍କାରେ ଜଣେ ଛେଳି ଜଗୁଆଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୁଟିଗୁଡ଼ା ଗ୍ରାମର ଗାଙ୍ଗରାବାସୁ(୪୫)। ଗାଙ୍ଗରା ମାନସିକସ୍ତରରେ ସାମାନ୍ୟ ଅସୁସ୍ଥ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଦିନ ପ୍ରାୟ ୧୧ଟାବେଳେ ପୁରୁଟିଗୁଡ଼ା ଗାଁ ନିକଟରେ ଥିବା ଟ୍ରେନ ଲାଇନ୍ ପାଖକୁ ଗାଙ୍ଗରାବାସୁ ଛେଳିପଲ ନେଇ ଚରାଇବାକୁ ଯାଇଥିଲେ। ଏହି ସମୟରେ ବିଶାଖାପାଟଣାରୁ ଗୁଣପୁର ଅଭିମୁଖେ ଯାଉଥିବା ବିଶାଖାପାଟଣା-ଗୁଣପୁର ପାସେଞ୍ଜର ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇ ଯାଇଥିଲା। ଖବରପାଇ ରେଲୱେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପଦ ହରାଇଲେ କାଙ୍ଗାମା ସରପଞ୍ଚ

**ପାରଳାଖେମୁଣ୍ଡି, ୧୮।୧ (ସ୍ୱ.ପ୍ର.):** ୱାର୍ଡ ସଭ୍ୟାସଭ୍ୟ ଆଣିଥିବା ଅନାସ୍ଥା ପ୍ରସ୍ତାବରେ ଗଜପତି ଜିଲା ମୋହନା ବ୍ଲକ କାଙ୍ଗାମା ସରପଞ୍ଚ ରୀନା ପ୍ରଧାନ ନିଜ ପଦ ହରାଇଛନ୍ତି। ନିୟମିତ କାର୍ଯ୍ୟାଳୟକୁ ଆସୁ ନ ଥିବା, କାମରେ ଅବହେଳା କରୁଥିବା ନେଇ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ସେମାନେ ଜିଲାପାଳଙ୍କ ନିକଟରେ ଲିଖିତଭାବେ ଏହି ଅଭିଯୋଗ କରିଥିଲେ। କାଙ୍ଗାମା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଜଣ ୱାର୍ଡ ସଭ୍ୟା ସଭ୍ୟଙ୍କ ମଧ୍ୟରୁ ୧୨ଜଣ ଉପସ୍ଥିତ ଥିଲେ। ସେମାନେ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିଲେ। ତେଣୁ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ସରପଞ୍ଚ ପଦବୀ ହରାଇଥିଲେ। ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରିଜାଇଡିଂ ଅଫିସର ଦାୟିତ୍ୱ ତୁଲାଇଥିଲେ। ବିଡିଓ ବଂଶୀଧର ଖୋସ୍‌ଲା ମାଜିଷ୍ଟ୍ରେଟଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ନରସିଂହ ମଣ୍ଡାଙ୍ଗୀ ପରିଚାଳନା କରିଥିଲେ।

### ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ଗିରଫ, କାର ଜବତ

**ଭଞ୍ଜନଗର, ୧୮।୧(ଡି.ଏନ.ଏ):** କନ୍ଧମାଳ ଜିଲାରୁ ପ୍ରତିଦିନ ବିପୁଳ ପରିମାଣର ଗଞ୍ଜେଇ ଚୋରାରେ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଶୁକ୍ରବାର ଭଞ୍ଜନଗର ପୋଲିସ ଧରିଥିବା ୩ଜଣ ଗଞ୍ଜେଇ ବେପାରୀଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଗୁଡ଼ାର କୃପାସିନ୍ଧୁ ବେହେରା, ପଶ୍ଚିମବଙ୍ଗ ମୁର୍ଶିଦାବାଦର ସୂର୍ଯ୍ୟନ ଏକ୍କା, ଟିଙ୍କୁ ତାଗଡ଼ଗିରି। ଏମାନଙ୍କଠାରୁ ଗୋଟିଏ କାର ସହ ୭୬କେଜି ୫୪୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ନଂ.୩୧/୨୦ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅଭିଯୁକ୍ତମାନେ ଏକ ନମ୍ବର ବିହୀନ ନୂଆ କାରରେ ଗଞ୍ଜେଇ ଧରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲେ।

# ସାଇକେଲ ଶୋଭାଯାତ୍ରାରେ ସୁସ୍ଥତା ବାର୍ତ୍ତା



ପାରଳାଖେମୁଣ୍ଡି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ରାୟଗଡ଼ ବିଡିଓ ଶୋଭାଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

**ପାରଳାଖେମୁଣ୍ଡି/ ରାୟଗଡ଼(ଗଜପତି), ୧୮।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରୁ 'ଫିଟ ଇଣ୍ଡିଆ ସାଇକେଲ ରାଲି' ବାହାରିଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଦୌରା ଜଜ୍ ବିଶ୍ୱଜିତ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, ମହାରାଜାଙ୍କ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜି.ସୁଦର୍ଶନ ରାଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁସ୍ଥ ରହିବାକୁ କ୍ରୀଡା, ଦୌଡ, ସାଇକେଲ ଚାଳନା, ଯୋଗ ବ୍ୟାୟାମ ଏବଂ ପ୍ରାଣାୟାମ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ପ୍ରାୟ ୧୫୦ ଜଣ ଯୁବତୀ ଯୁବକ ସାମିଲ ହୋଇଥିଲେ। 'ଫିଟ ଇଣ୍ଡିଆ, ହିଟ ଇଣ୍ଡିଆ', 'ବଡି ଫିଟ, ମାଇଣ୍ଡ ହିଟ', 'ସ୍ୱାସ୍ଥ୍ୟ ହିଁ ସମ୍ପଦ', 'ସୁସ୍ଥ ଇଣ୍ଡିଆ ଦକ୍ଷ ଇଣ୍ଡିଆ' 'ରେଷ୍ଟ ଏ ହ୍ୱାଇଲ, ରନ ଏ ମାଇଲ' ସ୍ଲୋଗାନ ଦେଇ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ଦେବାଶିଷ ପାଢ଼ୀ, ଟି. ମୁରଲୀ, ଡି. ତେଜା, ଝୁମୁରୀ ଭୂୟାଁ, ପି. ପ୍ରଶାନ୍ତ ଏବଂ ମୋହିନୀ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ରାମଗିରିରେ ନେହେରୁ ଯୁବସଂଘ, ଗ୍ରାମର ସାମାଜିକ କର୍ମୀ ଏବଂ ଜନପ୍ରତିନିଧିମାନେ ସାଇକେଲ ଶୋଭାଯାତ୍ରା କରିଥିଲେ। ନୂଆଗଡ଼ସ୍ଥିତ ବଡପଦାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମଧ ଏହିଭଳି ସାଇକେଲ ଶୋଭାଯାତ୍ରା କରାଯାଇଛି।

ସେହିଭଳି ରାୟଗଡ଼ ବ୍ଲକ ସଦର ମହକୁମାରେ ଫିଟ୍ ଇଣ୍ଡିଆର ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବ୍ଲକ କାର୍ଯ୍ୟାଳୟରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ବିଡିଓ ଲୁକେଶ ପ୍ରଧାନ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ସ୍ଥାନୀୟ ଶିବମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ ଶିଶୁ ମନ୍ଦିର, ସରକାରୀ ହାଇସ୍କୁଲ, ଏସ୍‌ଏସ୍‌ଡି ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରିଥିଲେ। ପ୍ରମୋଦ ପଟ୍ଟନାୟକ, ଜଗତ ଚନ୍ଦ୍ର କାର୍ଯ୍ୟ ଓ ଶୈଳ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଏ.ଶ୍ରୀକାନ୍ତ ଦୋରା ଓ ବିଜୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱଚ୍ଛତା ଆପ୍ ସମ୍ପର୍କରେ ସଚେତନ କଲେ 'ସ୍ୱଚ୍ଛ ସାଥୀ'

**ପାରଳାଖେମୁଣ୍ଡି, ୧୮।୧ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବା ପାଇଁ ପୌର ପରିଷଦ ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ସ୍ୱଚ୍ଛସାଥୀ ଦଳ ଗଠନ କରାଯାଇଛି। ସେମାନେ ଏକ ନୂତନ ଆପ୍ ପ୍ରସ୍ତୁତ କରିଛନ୍ତି। ଏହି ଆପ୍‌କୁ ଲୋକେ ମୋବାଇଲ ଫୋନରେ ଡାଉନଲୋଡ କରି ସେଥିରେ ସହରର ସ୍ୱଚ୍ଛତାକୁ ନେଇ ମତାମତ ଦେଇପାରିବେ ବୋଲି ସ୍ୱଚ୍ଛ ସାଥୀ ଗୋଷ୍ଠୀ ସୁପରଭାଇଜରମାନେ କହିଛନ୍ତି। ସୁପରଭାଇଜରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ସେଠାରେ ଆପ୍‌ର ପ୍ରଚାର କରିଥିଲେ। ଏହି ଆପ୍ ମାଧ୍ୟମରେ ଲୋକମାନେ ସେମାନଙ୍କ ଅଞ୍ଚଳର ସ୍ୱଚ୍ଛତା କିପରି ରହିଛି, ସ୍ୱଚ୍ଛତା ପାଇଁ ଆଉ କ'ଣ କରିବା ଆବଶ୍ୟକ, ପୌରପରିଷଦ ପକ୍ଷରୁ ନିୟମିତ ଭାବେ ଲୋକମାନଙ୍କଠାରୁ ଅଳିଆ ସଂଗ୍ରହ କରାଯାଉଛି କି ନାହିଁ ସେ ବିଷୟରେ ମତାମତ ଦେଇପାରିବେ। ଏଥିପାଇଁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସ୍ୱଚ୍ଛ ସାଥୀ ନିୟୋଜିତ ହୋଇଛନ୍ତି। ଏହି ସ୍ୱଚ୍ଛସାଥୀମାନଙ୍କ ପାଇଁ ମମତା ଦାସ, ଆର୍.ଲାବଣ୍ୟା, ଲୋକେଶ୍ୱରୀ ନାୟକ, ଏମ୍.ମୀନାକୁମାରୀ, ଲଳୀତା ପଲେଇଙ୍କୁ ନିରୀକ୍ଷକଭାବେ ନିୟୋଜିତ କରାଯାଇଛି ବୋଲି ସହରାଞ୍ଚଳ ଉନ୍ନୟନ ସଂସ୍ଥାର ବି.ସନ୍ଦୀପ କୁମାର କହିଛନ୍ତି।

# ଶିଶୁ, ମହିଳାଙ୍କୁ ସହାୟତା ଦେଉଛି 'ସଖୀ'



ବୈଠକରେ ଉପସ୍ଥିତ ଅତିଥିମାନେ।

**ପାରଳାଖେମୁଣ୍ଡି, ୧୮।୧(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ୱାନଷ୍ଟପ ସେଣ୍ଟର (ସଖୀ) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ରୀନା ସାହୁ ୱାନଷ୍ଟପ ସେଣ୍ଟରର ଉଦ୍ଦେଶ୍ୟ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହିଳାମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ପୋଲିସ ଓ ଡାକ୍ତରମାନଙ୍କର କିପରି ସହାୟତା ନିଆଯାଇପାରିବ ସେ ବିଷୟରେ କେନ୍ଦ୍ରର ପ୍ରଶାସକ ଭାଗ୍ୟଲକ୍ଷ୍ମୀ ନାୟକ ସଚେତନ କରାଇଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ୱାନଷ୍ଟପ ସେଣ୍ଟର କିପରି ଭାବେ ଶିଶୁ ଓ ମହିଳା ମାନଙ୍କୁ ସହଯୋଗ କରୁଛି ସେ ବିଷୟରେ ଅତିଥିମାନେ କହିଥିଲେ। ବର୍ତ୍ତମାନେ ସମାଜରେ ମହିଳା ଓ ଶିଶୁ ମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର ସହ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁଙ୍କ ଉପରେ ନିର୍ଯାତନା ବିଷୟରେ ଅତିଥିମାନେ ବିସ୍ତୃତଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୱାନଷ୍ଟପ ସେଣ୍ଟର କାଉନସିଲର ମୀନାକୁମାରୀ ଟହଲ, ଶ୍ରୀଦେବୀ ରଇତ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ୱାନଷ୍ଟପ ସେଣ୍ଟର ସଖୀ ପକ୍ଷରୁ ସ୍ଥାନୀୟ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆଉ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଅରୁଣା ସାମଲ ଏହାର ଅଧ୍ୟକ୍ଷତା କରିଥିବାବେଳେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ।

# ସ୍କୁଲ ବନ୍ଦ ନ କରିବାକୁ ଉପଜିଲାପାଳଙ୍କୁ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା କୁମ୍ଭୁଲତାଳ ଗ୍ରାମବାସୀ

**ପାରଳାଖେମୁଣ୍ଡି, ୧୮।୧ (ସ୍ୱ.ପ୍ର.)**

ଗାଁରେ ଥିବା ସ୍କୁଲକୁ ବନ୍ଦ ନ କରିବାକୁ ଗଜପତି ଜିଲା ଗୁମ୍ମା ବ୍ଲକ ପରିଡା ପଞ୍ଚାୟତ କୁମ୍ଭୁଲତାଳ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଶନିବାର ଉପଜିଲାପାଳ ଜ୍ଞାନ ରଞ୍ଜନ ଭଞ୍ଜଦେଓଙ୍କୁ ସେମାନେ ଏକ ଦାବିପତ୍ର ଦେଇଛନ୍ତି।

ସୂଚନାନୁଯାୟୀ, କୁମ୍ଭୁଲତାଳ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ସରକାରଙ୍କ ନୂତନ ନିୟମା ନୁଯାଇ ପିଲା ସଂଖ୍ୟା କମ୍ ଥିବାରୁ ଉକ୍ତ ବିଦ୍ୟାଳୟଟିକୁ ବନ୍ଦ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏଠାରେ ୧୮ଜଣ ପିଲା ପଢୁଥିବାବେଳେ ୪ଜଣ ଶିକ୍ଷକ ରହିଛନ୍ତି। ସ୍କୁଲଟି ବନ୍ଦ ହୋଇଗଲେ ପିଲାମାନଙ୍କୁ ୧କି.ମି. ଦୂର ଅରଣ୍ଡା ଗ୍ରାମରେ ଥିବା ସ୍କୁଲକୁ ଯିବାକୁ ପଡିବ। ଉକ୍ତ ରାସ୍ତା ପାର୍ବତ୍ୟାଞ୍ଚଳ ଓ ପାଦଚଲା ରାସ୍ତା ବୋଲି ଗ୍ରାମବାସୀ କହିଛନ୍ତି। ଦୈନିକ ପିଲା ବିପଦସଙ୍କୁଳଭାବେ ଉକ୍ତ ରାସ୍ତାରେ ଯିବାକୁ ବାଧ ହେବେ। ତେଣୁ ଗାଁରେ ଥିବା ସ୍କୁଲକୁ ବନ୍ଦ ନ କରିବାକୁ କୁମ୍ଭୁଲତାଳ ଗ୍ରାମବାସୀ ଦାବି କରିଛନ୍ତି। ପିଲା ସଂଖ୍ୟା କମ୍ ଥିବାରୁ ୪ ଶିକ୍ଷକ ବଦଳରେ ମାତ୍ର ଜଣେ କିମ୍ବା ଦୁଇଜଣ ଶିକ୍ଷକ ରଖି ପ୍ରାଥମିକ ବିଦ୍ୟାଳୟଟିକୁ ସ୍ଥାୟୀ କରାଇବାକୁ ସେମାନେ ପ୍ରଶାସନକୁ ଗୁହାରି କରିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ପ୍ରଶାସନ ତାଙ୍କ ଦାବି ପ୍ରତି କର୍ଣ୍ଣପାତ କରନ୍ତୁ ବୋଲି ଗ୍ରାମର ସୌଭ୍ୟ ଭୂୟାଁ, ଅଭିନାଶ ଭୂୟାଁ, ଗୁଡାନ ରଇତ, ସୁଶାନ୍ତ ଭୂୟାଁ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ବିଦ୍ୟାଳୟ ସ୍ଥାୟୀ କରିବା ଦାବିରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀ ଆଉ ଏକ ଦାବିପତ୍ର ଦେଇଛନ୍ତି।

# ଯବାନ-ମାଓବାଦୀ ଗୁଳି ବିନିମୟ

**ଫୁଲବାଣୀ ଅଫିସ, ୧୮।୧**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ନିକଟ ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲେ ହେଁ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ମାଓବାଦୀମାନେ କ୍ୟାମ୍ପ ଛାଡି ପଳାଇଥିବା ଜଣାପଡିଛି। ସୁମରବନ୍ଧ ଅଞ୍ଚଳରେ ଥିବା ଜଙ୍ଗଲରେ ମାଓବାଦୀ ଚଳପ୍ରଚଳ ହେଉଥିବା ସୂଚନା ମିଳିଥିଲା। ଶୁକ୍ରବାର ଏସ୍‌ଓଜି ଟିମ୍ କୋମ୍ବିଂ ଅପରେଶନରେ ଯାଇଥିଲେ। ଅପରେଶନ ଚାଲିଥିବା ସମୟରେ ସକାଳ ପ୍ରାୟ ୮ଟାବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଏସ୍‌ଓଜି ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଯବାନଙ୍କ ଆକ୍ରମଣକୁ ପ୍ରତିହତ କରିନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ କ୍ୟାମ୍ପ ଛାଡି ପଳାଇଥିଲେ। ଏହାପରେ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ସନ୍ଧ୍ୟାରେ ପୁଣି ମାଓବାଦୀଙ୍କ ତରଫରୁ ଗୁଳି ଚାଳନା ହୋଇଥିଲା। କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ। ଯବାନମାନେ କ୍ୟାମ୍ପ ଉପରେ ଚଢାଉ କରି ମାଓବାଦୀ ଛାଡି ଯାଇଥିବା ବିପୁଳ ପରିମାଣର ସାମଗ୍ରୀ ଜବତ କରିଛନ୍ତି। ଯବାନମାନେ ସେଠାରୁ ଫେରି ନାହାନ୍ତି। ତେଣୁ କ'ଣ ଜବତ ହୋଇଛି ଏବଂ କିଏ ମୃତାହତ ହୋଇଛନ୍ତି କି ନାହିଁ ସେନେଇ ସୂଚନା ମିଳିନାହିଁ। ଫେରିଲା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଏସ୍‌ପି ପ୍ରତୀକ ଗୀତା ସିଂ ସୂଚନା ଦେଇଛନ୍ତି।

# କନିଷ୍ଠ ବର୍ଗରେ ଗଜପତି ଜିଲା ରନର୍ସ ଅପ୍

**ରାଜ୍ୟସ୍ତରୀୟ ସାଇକେଲ ପୋଲୋ ପ୍ରତିଯୋଗିତା**

**ପୁରୀ ଅଫିସ, ୧୮।୧**

ଓଡ଼ିଶା ସାଇକେଲ ପୋଲୋ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ପୁରୀ ଜିଲା ସାଇକେଲ ସଂଘ ତରଫରୁ ରାଜ୍ୟସ୍ତରୀୟ ସାଇକେଲ ପୋଲୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଅନୁଷ୍ଠାନର ସମ୍ପାଦକ ତଥା କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, କ୍ରୀଡ଼ାବିତ୍ ରବୀନ୍ଦ୍ର ସେନାପତି, କ୍ରୀଡ଼ା ସଂଗଠକ ସବ୍ୟସାଚୀ ରଥ, ବରିଷ୍ଠ ପୋଲିସ ଅଧିକାରୀ ହିରଣ୍ୟ କୁମାର ଜେନା, ରାଜେଶ କୁମାର ପ୍ରଧାନ, ରାଜେଶ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ପୁରୀ ଜିଲା ଚାମ୍ପିୟନ୍ ହୋଇଛି। ସେହିଭଳି ବରିଷ୍ଠ ବର୍ଗରେ ବୌଦ୍ଧ ଜିଲା ଏବଂ କନିଷ୍ଠ ବର୍ଗରେ ଗଜପତି ଜିଲା ରନର୍ସଅପ୍ ହୋଇଛି। ଅଭିମନ୍ୟୁ ଶତପଥି, ପାବଚ୍ଛ କୁମାର ଭୂୟାଁ, ଶୁଭଜିତ ମିଶ୍ର, ଅନନ୍ତ ସାମଲ, ଚୁନା ଦାସ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ନିଆଁ ଲାଗି ଜଳିଗଲା ପାଳଗଦା



**ରାୟଗଡ଼(ଗଜପତି), ୧୮।୧(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ସହରସ୍ଥିତ ସ୍ୱାଲସିଂ ସାହିରେ ଶନିବାର ଅପରାହ୍ନରେ ପ୍ରସାଦ ପାଣିଙ୍କ ପାଳଗଦାରେ ନିଆଁ ଲାଗିଥିଲା। ଫଳରେ ପାଳଗଦାଟି ସମ୍ପୂର୍ଣ୍ଣ ଜଳିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରି ନ ପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ପ୍ରକାଶ ଯେ, ପାଳଗଦା ନିକଟରେ ଖେଳୁଥିବା ଗାଁର ଛୋଟ ଛୋଟ ପିଲାମାନେ ସେଠାରେ ନିଆଁ ଲଗାଇ ଦେଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି।


ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ପ୍ରତିଯୋଗିତା ନିୟମ ପରିବର୍ତ୍ତନ ନେଇ ଅଭିଭାବକ ଅସନ୍ତୁଷ୍ଟ

**ପାରଳାଖେମୁଣ୍ଡି, ୧୮।୧ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପୂର୍ବରୁ ବକ୍ତୃତା ପ୍ରତିଯୋଗିତା କରାଯାଉଛି। କିନ୍ତୁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି, ଯାହାକୁ ନେଇ ଅଭିଭାବକ ଓ ଭାଜପାର କେତେକ ନେତା, କର୍ମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରତିବର୍ଷ ଓଡ଼ିଆ ଓ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା କରାଯାଏ। ଚତୁର୍ଥ-ପଞ୍ଚମ, ଷଷ୍ଠ-ଅଷ୍ଟମ, ନବମ-ଦଶମ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି ଦୁଇଟି ଭାଷାରେ ଅଲଗା ଅଲଗା ପ୍ରତିଯୋଗିତା କରାଯାଏ। ପ୍ରତି ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପିଲାମାନଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ମାତ୍ର ଏତେଗୁଡାଏ ପୁରସ୍କାର ଦେବାବେଳେ ପିଲାମାନେ ବହୁ ସମୟ ଖରାରେ ଠିଆ ହେଉଥିବାରୁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅଲଗା ଅଲଗା ଭାବେ ଓଡ଼ିଆ ଓ ଇଂରାଜୀ ଦୁଇଟି ଭାଷାରେ ପ୍ରତିଯୋଗିତା କରା ନ ଯାଇ ଏକାଠି କରିବାକୁ ନିଷ୍ପତ୍ତି ନେଇଛି ପ୍ରଶାସନ। ଏହାକୁ ଅଭିଭାବକମାନେ ନାପସନ୍ଦ କରିଛନ୍ତି। ପ୍ରଶାସନର ଏହି ନିଷ୍ପତ୍ତିକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନର ଏ ଭଳି ପଦକ୍ଷେପକୁ ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ରଙ୍କ ସମେତ ଗୌରାଙ୍ଗ ଗୌଡ, ପ୍ରଶାନ୍ତ ପାଳ ପ୍ରମୁଖ ନାପସନ୍ଦ କରିଛନ୍ତି।

# ବାଲି, ପଥର ଚୋରିର ତଦନ୍ତ କରୁଛି ଟିମ୍

- **ଲିଜ୍ ନ ଥାଇ ହେଉଛି ବାଲି ଉତ୍ତୋଳନ**
- **ପଦକ୍ଷେପ ନେବାକୁ ଏଡିଏମ୍‌ଙ୍କ ନିର୍ଦ୍ଦେଶ**

**ଛତ୍ରପୁର, ୧୮।୧(ଡି.ଏନ.ଏ)**

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଥିବା ସଇରାତରୁ ବାଲି ଓ ପଥର ଚୋରି ହେବାରେ ଲାଗିଛି । ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଏକ ଅଡିଟ୍ ଟିମ୍ ଆସି ଜିଲାରେ ଥିବା ବାଲି ଓ ପଥର ସଇରାତ ଅନୁଧ୍ୟାନ କରି ଏହାର ସ୍ଥିତି କ'ଣ, ରାଜସ୍ୱ କେତେ ମିଳୁଛି ଓ କେତେ କ୍ଷତି ହେଉଛି ସେ ସବୁ ତଥ୍ୟ ସଂଗ୍ରହ କରୁଛି। ପ୍ରଥମେ ଉକ୍ତ ଟିମ୍ କନିଷି ତହସିଲ ଅଞ୍ଚଳରେ ଥିବା ବିଭିନ୍ନ ସଇରାତ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ। ରବିବାରଠାରୁ ସେମାନେ ଛତ୍ରପୁର ତହସିଲ ଅଞ୍ଚଳକୁ ଆସିବେ। ଏହାର ଏକ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଶନିବାର ଜିଲାପାଳଙ୍କ ଅନୁପସ୍ଥିତିରେ ଗଞ୍ଜାମର ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଛତ୍ରପୁରରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ସଇରାତ ଗୁଡିକରେ ବେଆଇନ୍ କାମ ହେଉଛି କି ନାହିଁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମାସରେ ଥରେ ସମସ୍ତ ବାଲି ଓ ପଥର ସଇରାତକୁ ରାଜସ୍ୱ ନିରୀକ୍ଷକମାନେ ଯାଇ ଅନୁଧ୍ୟାନ କରିବାକୁ କୁହାଯାଇଛି। ସେହିପରି ପ୍ରତି ୩ ମାସରେ ଥରେ ତହସିଲଦାରମାନେ ସଇରାତ ପରିଦର୍ଶନରେ ଯିବେ । ବେଆଇନ୍ କାମ ହେଉଥିଲେ ଉପଜିଲାପାଳଙ୍କ ସହ ମିଶି ପ୍ଲାନ୍ କରି ପୋଲିସ ର ସହାୟତା ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସଇରାତ ଗୁଡିକର ଲିଜ୍ ହୋଇନି ତାର ଲିଜ୍ ପାଇଁ ନୋଟିସ୍ କରାଯାଉ । କେହି ଲିଜ୍ ନ ନେଲେ ମଧ ପ୍ରତିବର୍ଷ ଏପରିକି ୩ ବର୍ଷ ପର୍ଯ୍ୟନ୍ତ ଲିଜ୍ ପାଇଁ ନୋଟିସ୍ କରିବାକୁ ଅତିରିକ୍ତ ଜିଲାପାଳ କହିଛନ୍ତି। ଛତ୍ରପୁର ତହସିଲ ପକ୍ଷରୁ ସଇରାତ ପାଇଁ ଦିଆଯାଇଥିବା ନୋଟିସ୍ ସମ୍ପର୍କରେ ରେକର୍ଡ ଓ ଅର୍ଡର ସିଟ୍ ରହୁ ନ ଥିବା ଅତିରିକ୍ତ ଜିଲାପାଳ କହିଥିଲେ । ସେହିପରି ଅନ୍ୟ ତହସିଲ ଅଫିସଗୁଡିକରେ ଏ ସମ୍ପର୍କରେ ଠିକ୍ ଭାବେ ରେକର୍ଡ ପରିଚାଳନା ହେଉ ନ ଥିବା ଜଣାଯାଇଛି। ଅନ୍ୟ କେଉଁ ସଇରାତର ଲିଜ୍ ହୋଇପାରିବ ତାହାର ରିପୋର୍ଟ ଦେବାକୁ ବୈଠକରେ ଉପସ୍ଥିତ ତହସିଲଦାରମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ମାନେ ଫିଲ୍ଡକୁ ଯାଇ ତଦନ୍ତ କରି ରିପୋର୍ଟ ଦେବେ। ଉପଜିଲାପାଳମାନେ ମାସକ ମଧ୍ୟରେ ଏହାର ଡିସପୋଜ୍ କରିବେ। ଯଦି ଡିସପୋଜାଲ୍ ହୋଇ ନ ପାରେ ତେବେ ତାହାର କାରଣ ଜଣାଇବେ ଉପଜିଲାପାଳ। ସଇରାତଗୁଡିକର ଠିକ୍ ଦର ଧାର୍ଯ୍ୟ ନ କଲେ ଜିଲାରୁ ଟିମ୍ ଯାଇ ଅନୁଧ୍ୟାନ କରିବ ବୋଲି ଡେପୁଟି କଲେକ୍ଟର (ରାଜସ୍ୱ) ଦିବ୍ୟଲୋଚନ ମହନ୍ତ କହିଥିଲେ ।

ସୂଚନାଯୋଗ୍ୟ, ନିର୍ଦ୍ଧାରିତ ନିୟମକୁ ଉଲଂଘନ କରି ଜିଲାରେ ଜେସିବି ମେଶିନ୍ ଦ୍ୱାରା ବାଲି ଉତ୍ତୋଳନ କରାଯାଇ ଚାଲାଣ ହେଉଛି। ଏପରିକି କେତକ ସ୍ଥାନରେ ଲିଜ୍ ନ ଥାଇ ମଧ ବାଲି ଉତ୍ତୋଳନ ହେଉଛି । ସେହିପରି ବେଆଇନ୍ ଭାବେ ବିଭିନ୍ନ ପାହାଡରୁ ପଥର ଫୁଟାଯାଉଛି। ଏ ସବୁ ପ୍ରଶାସନ ନିକଟରେ ଖବର ଅଛି। ଏହାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କେତେକ ନିଷ୍ପତ୍ତି ନେଇଥିଲେ। ସଇରାତ ନିକଟରେ ଭିଡିଓ ରେକର୍ଡିଂ କରାଯାଇ ଦୈନିକ କେତେ ବାଲି ଉତ୍ତୋଳନ ହୋଇ କେତେ ବିକ୍ରି ପାଇଁ ଯାଉଛି ତାର ମନିଟରିଂ କରି ଜାଣିବା ପାଇଁ ଜିଲାପାଳ ସ୍ଥିର କରିଥିଲେ । ଏହାଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ତେବେ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ବାଲି ଓ ପଥର ମାଫିଆମାନଙ୍କୁ ସୁହାଇଛି ।

# ଜାତୀୟ ମତଦାତା ଦିବସ ପାଇଁ ପ୍ରସ୍ତୁତି

କୋରାପୁଟ,୧୮।୧(ସ୍ୱ.ପ୍ର.)

ଜାତୀୟ ମତଦାତା ଦିବସ ପାଇଁ ଶନିବାର ଅପରାହ୍ନରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ନିର୍ବାଚନ ଅଧିକାରୀ ପି. ଟୋଲିଆମ୍ମା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, କୋରାପୁଟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ରହି ଏହି ଦିବସକୁ ସଫଳତାର ସହ ପାଳନ ଉପରେ ମତ ରଖିଥିଲେ। ଏହି ଦିବସ ଅବସରରେ ଆୟୋଜିତ ହେବାକୁ ଥିବା ସଚେତନତା ଶୋଭାଯାତ୍ରା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ୍, ବକ୍ତୃତା, ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଜିଲାର କ୍ରୀଡ଼ା, ସଂସ୍କୃତି ବିଭାଗ, ପୋଲିସ, ଶିକ୍ଷା ବିଭାଗ, ନିର୍ବାଚନ ଅଧିକାରୀ, ଜିଲା ଲୋକ ସମ୍ପର୍କ ବିଭାଗ, ସିଭିଲ ଡିଫେନ୍ସର ମିଳିତ ସହଯୋଗ କାମନା କରାଯାଇଥିଲା।



ମତଦାତା ଦିବସ ପାଇଁ ପ୍ରସ୍ତୁତି ବୈଠକରେ ସହକାରୀ ଜିଲାପାଳଙ୍କ ସହ ଅନ୍ୟମାନେ ।

# ପୁଷପୁନିରେ ଝିଙ୍କ ଶୀକାର, ବିପଦରେ ବନ୍ୟପ୍ରାଣୀ

ଜୟପୁର,୧୮।୧(ନି.ପ୍ର.)

ଜୟପୁର ରେଞ୍ଜ ଅନ୍ତର୍ଗତ କୋରାପୁଟ ଘାଟି ଜଙ୍ଗଲରେ ଅବାଧରେ ଚାଲିଛି ଜନ୍ତୁ ଶୀକାର । ଏହି ରେଞ୍ଜରେ ଧୀରେଧୀରେ ବହୁ ବିରଳ ପ୍ରାଣୀ ଲୋପ ପାଇବାକୁ ବସିଲାଣି । ବନ ବିଭାଗ ସବୁ ଜାଣି ଅଜଣା ରହୁଥିବା ଦେଖିବାକୁ ମିଳୁଛି। ରେଞ୍ଜ ଅଧୀନ ଜଙ୍ଗଲ ଲୋପ ପାଉଥିବା ବେଳେ କାଠ ମାଫିଆମାନେ କେତେକ କର୍ମଚାରୀଙ୍କୁ ହାତକରି ଜଙ୍ଗଲ ଲୁଟ୍ କରୁଛନ୍ତି। ଜଙ୍ଗଲ ନଷ୍ଟ ହେବା ଫଳରେ ବନ୍ୟଜନ୍ତୁଙ୍କ ପରିସଂସ୍ଥା ପ୍ରଭାବିତ ହେବା ଯୋଗୁ ସେମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏବେ ଶୀକାରୀଙ୍କ ଟାର୍ଗେଟରେ ରହିଛନ୍ତି ବନ୍ୟଜନ୍ତୁ। ଏପରି ଘଟଣା ବାରମ୍ବାର ଜୟପୁର ରେଞ୍ଜରେ ଦେଖିବାକୁ ମିଳୁଛି। କିନ୍ତୁ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଏଠାକାର ପରିବେଶପ୍ରେମୀଙ୍କୁ ଚକିତ କରିଛି। ସ୍ଥାନୀୟ ଗ୍ରାମବାସୀ ଦଳଦଳ ହୋଇ ଝିଙ୍କ ତଥା ଅନ୍ୟ ଜନ୍ତୁ ଶୀକାର କରୁଛନ୍ତି।

ଶୁକ୍ରବାର ସକାଳେ ଜୟପୁର ରେଞ୍ଜର କୋରାପୁଟ ଘାଟି ଜଙ୍ଗଲରେ ଲୋକ ପୁଷ ପୁନି ଅବସରରେ ଅବାଧରେ ଜନ୍ତୁ ଶୀକାର କରିଥିବା ଦେଖାକୁ ମିଳିଛି। ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଅନ୍ୟ କର୍ମଚାରୀ ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜୟପୁର ଆଖପାଖ ଜଙ୍ଗଲରେ ସେମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ବନ ବିଭାଗ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପରିବେଶପ୍ରେମୀ ରାଜରାସ୍ତାକୁ ଓହ୍ଲାଇବେ ଓ ଆବଶ୍ୟକ ସ୍ଥଳରେ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜୟପୁର ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗ ଆସିଛି। ରେଞ୍ଜ ଅଫିସରଙ୍କୁ ଘଟଣାସ୍ଥଳକୁ ପଠାଯାଇଛି ।



ପୁଷ୍‌ପୁନି ପାଇଁ ସ୍ଥାନୀୟ ଲୋକେ ଜଙ୍ଗଲରୁ ଝିଙ୍କ ଶିକାର କରିଛନ୍ତି ।

## ବେଧଡ଼କ ଚାଲିଛି ପଶୁ ଶିକାର

■ ରାମଗିରି ବନାଞ୍ଚଳ

ବୈପାରୀଗୁଡ଼ା,୧୮।୧(ଡି.ଏନ୍.ଏ.)

ଏକଦା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ରାମଗିରି ବନାଞ୍ଚଳରେ ଜଙ୍ଗଲ ସମ୍ପଦ ଲୁଟ୍ ସାଙ୍ଗକୁ ଅବାଧରେ ଚାଲିଛି ପଶୁ ଶିକାର। ଏଠାରେ ସୂଚନାଯୋଗ୍ୟ ଯେ ୧୦ ବର୍ଷ ତଳେ ଉକ୍ତ ଇଲାକାରେ ମାଓବାଦୀମାନେ ସେଠାକାର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲେ। ସେତେବେଳେ ସୁରକ୍ଷା ଦୃଷ୍ଟିରୁ ବନାଞ୍ଚଳ କର୍ମଚାରୀମାନେ ବାହାରେ ରହୁଥିଲେ ଓ ଜୟପୁରରେ ଅଫିସ୍ କାମ ଚାଲିଥିଲା। କିନ୍ତୁ ବିଏସ୍ଏଫ୍ କ୍ୟାମ୍ପ ବସିବା ପରେ ଏବେ ପରିସ୍ଥିତିରେ ବହୁ ସୁଧାର ଆସିଲାଣି। ନୂତନ କରି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲାଣି। କିନ୍ତୁ କେବଳ କେତେକ ତଳିଆ କର୍ମଚାରୀ ସେଠାରେ ରହୁଥିବା ବେଳେ ବନାଞ୍ଚଳ ଅଧିକାରୀ ବାହାରେ ରହୁଥିବା ଓ ଅଧାଦିନ ଆସୁ ନ ଥିବା ଅଭିଯୋଗ ହେଉଛି। ପ୍ରତିଦିନ ମୂଲ୍ୟବାନ କାଠ ପଡ଼ୋଶୀ ଛତିଶଗଡ଼କୁ ଚୋରା ଚାଲାଣ ହେଉଛି। ଆଭ୍ୟନ୍ତରୀଣ ଇଲାକାରେ ୧୧ କେଭି ବିଦ୍ୟୁତ ତାରରେ ହୁକ ପକାଇ ପଶୁ ଶିକାର ଚାଲୁଛି। କିନ୍ତୁ ବନ ବିଭାଗର ନିଦ ଭାଙ୍ଗୁନାହିଁ।

# ୧୧୩୨ ଅଭିଯୋଗରୁ ଫଇସଲା ହୋଇଛି ୫୪୮

## କୋରାପୁଟରେ ଲୋକାୟୁକ୍ତ ଅଧ୍ୟକ୍ଷ

କୋରାପୁଟ,୧୮।୧(ସ୍ୱ.ପ୍ର.)

ରାଜ୍ୟରୁ ଦୁର୍ନୀତି ହଟାଇବା ସହ ଲୋକଙ୍କୁ ଲୋକାୟୁକ୍ତର କାର୍ଯ୍ୟ ସମ୍ପର୍କରେ ସଚେତନତା ନେଇ ଶନିବାର ସ୍ଥାନୀୟ ସରକାରୀ କନିଷ୍ଠ ମହାବିଦ୍ୟାଳୟରେ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକାୟୁକ୍ତ ଅଧ୍ୟକ୍ଷ ଅଜିତ ସିଂ, ସମ୍ମାନିତ ଅତିଥି ଭାବେ ଲୋକାୟୁକ୍ତ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ଶର୍ମା, ଲୋକାୟୁକ୍ତ ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀ, ଜଜ୍ ବି.କେ. ମଲ୍ଲିକ, ଜିଲାଜଜ୍ ବିମଳ କୁମାର ଚାନ୍ଦ, କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୋ, ମୁଖ୍ୟବକ୍ତା ଭାବେ ଜଜ୍ ବି.କେ. ନାୟକ, ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଲୋକାୟୁକ୍ତ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଜନସାଧାରଣ, ବୁଦ୍ଧିଜୀବୀ, ଖବରଦାତାଙ୍କୁ ସଚେତନ କରିବା ସହ ରାଜ୍ୟରୁ ଦୁର୍ନୀତି ହଟାଇବା ପାଇଁ ସାଧାରଣ ସ୍ତରରେ ସଚେତନତା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଜଣେ ସାଧାରଣ ଜନତା ନିର୍ଭୀକ ଭାବେ ସରକାରୀ ସ୍ତରରେ ଯଦି ହେଉଥିବା ଦୁର୍ନୀତି ଉପରେ ସିଧାସଳଖ ଲୋକାୟୁକ୍ତଠାରେ ଅଭିଯୋଗ କରିବାକୁ ପରାମର୍ଶ ଦେବା ସହ ଏହାଦ୍ୱାରା ଦୋଷୀଙ୍କୁ ଉଚିତ୍ ଦଣ୍ଡ ମିଳିପାରିବ ବୋଲି ଅଧ୍ୟକ୍ଷ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଲୋକାୟୁକ୍ତଠାରେ ସମୁଦାୟ ୧୧୩୨ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୫୪୮ଟିର ସମାଧାନ ହୋଇଥିବା ସେ ସୂଚନା ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ସହ ଅନ୍ୟ ଅତିଥିମାନେ ।

## ଏନ୍ଏଚ୍‌ରେ ସିରିଜ ଟ୍ରକ ଦୁର୍ଘଟଣା

## ଜଣେ ମୃତ, ୨ ଗୁରୁତର

କେନ୍ଦୁଝର,୧୮।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ୨୦ନମ୍ବର ଜାତୀୟ ରାଜପଥରେ ଶନିବାର ଘଟିଛି ସିରିଜ ଟ୍ରକ ଦୁର୍ଘଟଣା। ପଛକୁ ପଛ ୩ଟି ଆଇରନ ବୋଝେଇ ଟ୍ରକ ପିଟିହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଡ୍ରାଇଭର ଗୁରୁତର ଅଛନ୍ତି। ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଯୋଗ୍ୟ ଯେ, ଶନିବାର ସକାଳେ ୩ଟି ଆଇରନ ବୋଝେଇ ଟ୍ରକ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ପଛକୁ ପଛ ପିଟି ସିରିଜ ଦୁର୍ଘଟଣା ଘଟିଛି। କେନ୍ଦୁଝର ୨୦ ନମ୍ବର ଜାତୀୟ ରାଜପଥର ପୁରୁଣା ସହର ସିଦ୍ଧମଠ ନିକଟରେ ଠିଆ ହୋଇଥିବା ସମୟରେ ପ୍ରାୟ ସାଢ଼େ ୬ଟାରେ ପଛପଟୁ ଆସୁଥିବା ଆଉ ଏକ ଟ୍ରକ ପଛରୁ ଧକ୍କା ଦେଇଥିଲା ଫଳରେ ତିନୋଟି ଯାକ ଟ୍ରକ ପଛକୁ ପଛ ପିଟି ହୋଇଯାଇଥିଲେ।

# ନିମ୍ନମାନର ପିଚୁରାସ୍ତାକୁ ବିରୋଧ

■ ଜିଲାପାଳଙ୍କୁ ଫେରାଦ ହେବାକୁ ଅଞ୍ଚଳବାସୀଙ୍କ ଚେତାବନୀ



ନିମ୍ନମାନର ରାସ୍ତା କାମକୁ ଦେଖାଉଛନ୍ତି ସ୍ଥାନୀୟ ଗ୍ରାମବାସୀ ।

ଦଶମନ୍ତପୁର,୧୮।୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଅଧୀନରେ ଥିବା ଆର୍‌ଡ଼ି ଛକଠାରୁ ରତାବନ୍ଧ-ତାଳଗୁଡ଼ରେ ହେଉଥିବା ନବନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ନିମ୍ନମାନର ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ଓ ବିରୋଧ ପ୍ରକାଶ ପାଇଛି।

ପ୍ରକାଶ ଯେ, ଆର୍‌ଡ଼ି ଛକରୁ ତାଳଗୁଡ଼ ଗ୍ରାମ ଯାଏ ୭.୩ କି.ମି. ହୋଇଥିବା ବେଳେ କେବଳ ରୋହିଆମ୍ବ ଗ୍ରାମ ଯାଏ ହିଁ ଠିକାଦାର ରାସ୍ତାକାର୍ଯ୍ୟ କରୁଛନ୍ତି। ରାସ୍ତା ପାଇଁ ମୋଟ ୨୨୧.୮୬ ଲକ୍ଷ ଟଙ୍କା ଅଟକଳ ରହିଥିବା ବେଳେ କେବଳ ଠିକାଦାର ଜଣକ ମାତ୍ର ୪.୩ କି.ମି. ରାସ୍ତା ହିଁ ନିର୍ମାଣ କରାଯିବ ବୋଲି କହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ରାସ୍ତା କାର୍ଯ୍ୟଟି ନିମ୍ନମାନର। ମେଶିନରେ ପିଚୁ ଢଳା ନ ଯାଇ ଲୋକାଲ ମିକ୍ସରରେ ପିଚୁ ପକାଯାଉଛି। ଆବଶ୍ୟକ କଲଭର୍ଟ କରା ନ ଯିବା ସହ ଯେଉଁ କଲଭର୍ଟ ତିଆରି କରାଯାଇଛି, ତାହା ନିମ୍ନମାନର ଓ ବର୍ତ୍ତମାନ ଭାଙ୍ଗିଯାଉଥିବା ଦେଖିବାକୁ ମିଳିଛି। ବହୁବାର ସୁପରଭାଇଜରଙ୍କୁ ଅଭିଯୋଗ କରୁଥିଲେ ହେଁ ଠିକା ସଂସ୍ଥା ପକ୍ଷରୁ ଏମିତି କାର୍ଯ୍ୟ ସବୁ ସ୍ଥାନରେ ହୋଇଥିବା ଗ୍ରାମବାସୀ ଜଣାଇଛନ୍ତି। ତାଳଗୁଡ଼ ଗ୍ରାମକୁ ଆଉ ପିଚୁରାସ୍ତା ସଂଯୋଗ କରାଯିବ ନାହିଁ ବୋଲି ସୁପରଭାଇଜର କହିଛନ୍ତି। ନିମ୍ନମାନର କାମର ତଦନ୍ତ କରା ନ ଗଲେ ଜିଲାପାଳ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ପାଇଁ ସ୍ଥାନୀୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପାଣିରେ ବୁଡ଼ି ଜଣେ ମୃତ

ଚମ୍ପୁଆ,୧୮।୧(ଡି.ଏନ.ଏ)

ଚମ୍ପୁଆ ଥାନା ଅନ୍ତର୍ଗତ ଅମଳାନିଗୁଡା ଗାଁର ବିଷ୍ଣୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଚମ୍ପୁଆ ଥାନା ପକ୍ଷରୁ ପ୍ରକାଶ। ସୂଚନା ଅନୁସାରେ ତେଲକୋଇ ଥାନା ଅନ୍ତର୍ଗତ ନମକାନି ଗ୍ରାମର ବିଷ୍ଣୁ ମୁଣ୍ଡା ନିଜ ଭିଣୋଇ ଘର ଅମଳାନିଗୁଡାକୁ ଆସିଥିଲେ। ଶୁକ୍ରବାର ରାତିରେ ବାହାରକୁ ଯାଇ ଆଉ ଫେରି ନଥିଲେ। ଭିଣୋଇ ଘର ଲୋକ ତାଙ୍କୁ ବହୁ ଖୋଜାଖୋଜି କଲା ପରେ ମଧ୍ୟ ରାତିରେ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳୁ ବିଷ୍ଣୁ ନିକଟସ୍ଥ ଏକ କେନାଲ ମଧ୍ୟରେ ମୃତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୁଅ ମଙ୍ଗଳ ମୁଣ୍ଡା ଚମ୍ପୁଆ ଥାନାରେ ଅଭିଯୋଗ କରିବା ପରେ ଚମ୍ପୁଆ ପୋଲିସ ମୃତଦେହ ଜବତ କରି ଏହାର ତଦନ୍ତ ଚଳାଇଛି।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

କୋରାପୁଟ,୧୮।୧(ସ୍ୱ.ପ୍ର.)

କୋରାପୁଟ ଉଠା ଜଳସେଚନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସ୍ଥାନୀୟ ଗାନ୍ଧୀନଗର କଲ୍ୟାଣ ମଣ୍ଡପରେ ପାଳିତ ହୋଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ଯୋଗଦେଇ ପକ୍ଷକୁ ଶୁଭାରମ୍ଭ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଜିଲାରେ ପାଣି ପଞ୍ଚାୟତ ଗଠନ କରି ଏହାଦ୍ୱାରା କୃଷିର ଉନ୍ନତି, ଚାଷୀଙ୍କ ଆର୍ଥିକ ବିକାଶ ଲକ୍ଷ୍ୟ ରଖାଯାଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ କୃଷି ଯୋଜନା ଉପରେ ଆଲୋଚନା କରିଥିଲେ। ଜିଲାରେ ରହିଥିବା ସମୁଦାୟ ୧୩ ହଜାର ୧୧ଟି ପାଣି ପଞ୍ଚାୟତ ଦ୍ୱାରା କୃଷି ଉତ୍ପାଦନ ଆଶାତୀତ ବୃଦ୍ଧି ପାଇଛି ବୋଲି ବିହନ ନିଗମ ଅଧ୍ୟକ୍ଷ ପାଣିଗ୍ରାହୀ କହିଥିଲେ। ବର୍ତ୍ତମାନ ଜିଲାରେ ଉଠା ଜଳସେଚନ ବିଭାଗର ରହିଥିବା ୧୧୪୨ଟି ପାଣି ପଞ୍ଚାୟତ ଦ୍ୱାରା ୨୩ ହଜାର ୭୨୯ ହେକ୍ଟର ଜମି ଜଳସେଚିତ ହେଉଥିବା ବିଭାଗୀୟ ଅଧ୍ୟକ୍ଷ ସୂଚନା ଦେଇଥିଲେ।



ପାଣିପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ରେଡକ୍ରସ୍ ଶତବାର୍ଷିକୀ ପାଇଁ ପ୍ରସ୍ତୁତି

କୋରାପୁଟ,୧୮।୧(ସ୍ୱ.ପ୍ର.)

ରେଡ୍‌କ୍ରସ୍‌ର ଶତବାର୍ଷିକ ଉତ୍ସବ ପାଇଁ ଶନିବାର ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଚଳିତ ମାସରୁ ଏପ୍ରିଲ ମଧ୍ୟ କରାଯିବା ପାଇଁ ସ୍ଥିର ହୋଇଛି। ରେଡ୍‌କ୍ରସ୍‌ର ରାଜ୍ୟରେ ଥିବା ବିଭିନ୍ନ ଶାଖାରେ ପ୍ରତି ମାସର ତୃତୀୟ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଯଥା- ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛ ଭାରତ ଅଭିଯାନ, ରକ୍ତଦାନ ଶିବିର, ଏଡ୍‌ସ ସଚେତନତା ଭଳି କାର୍ଯ୍ୟକ୍ରମ ଜୁନିଅର ରେଡକ୍ରସ୍ ଓ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫେବୃୟାରୀ ତୃତୀୟ ଶୁକ୍ରବାରରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର କରାଯିବ। ମାର୍ଚ୍ଚର ତୃତୀୟ ଶୁକ୍ରବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଓ ଏପ୍ରିଲ ତୃତୀୟ ଶୁକ୍ରବାରରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ଆୟୋଜିତ ବୈଠକରେ ଆଇଆର୍‌ସିଏସ୍ ମାଷ୍ଟର ଟ୍ରେନର ଡ. ରଞ୍ଜନ ସ୍ୱାଇଁ, ଜିଲା ସଂଯୋଜକ ଡ. ପି.ସି. ପ୍ରଧାନ, ଜିଲା ନୋଡାଲ ଅଧିକାରୀ ଡ. ନରେଶ ସାହୁ, ଜିଲା ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଧିକାରୀ ଏସ୍.ଆର୍. ସ୍ୱାଇଁ, ପ୍ରକାଶ ସାମଲ ଉପସ୍ଥିତ ଥିଲେ।




ପ୍ରସ୍ତୁତି କାର୍ଯ୍ୟକ୍ରମରେ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ।

# ଶିକୁଳିରେ ବନ୍ଧା ପଡ଼ିଛନ୍ତି ନାବାଳକ ଭୁବନ

ଦଶମନ୍ତପୁର,୧୮।୧(ଡି.ଏନ୍.ଏ.)

ଦଶମ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ, କିନ୍ତୁ ଭାଗ୍ୟ ଦାଉ ସାଧିଲା। ହଠାତ୍ ପଢୁଆ ନାବାଳକ ଭୁବନ ପାଗଳଟିଗଲେ ମାନସିକ ଅସୁସ୍ଥ। ଘର ଛାଡ଼ି ଏଣେତେଣେ ପଳାଇଗଲେ। ଫଳରେ ତାଙ୍କ ଚିନ୍ତାରେ ପରିବାର ଲୋକେ ତାଙ୍କୁ ଘରେ ବାନ୍ଧି ରଖିଛନ୍ତି। ପାଠପଢ଼ା ଜାଗାରେ ଏବେ ତାଙ୍କ ଗୋଡ଼ ଓ ହାତରେ ବନ୍ଧା ହୋଇଛି ଶିକୁଳି।

ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଡକାମରା ଗ୍ରାମର ନନ୍ଦ ସାଉନ୍ତା। ସ୍ତ୍ରୀ ସାଲ, ବଡ଼ ପୁଅ ସାପୁରା, ମଝିଆ ପୁଅ ଭୁବନ, ସାନ ପୁଅ ମିଥୁନକୁ ନେଇ ତାଙ୍କ ସଂସାର। ପରିବାର ଭିତରେ ଭୁବନ ହିଁ ଏକମାତ୍ର ଉଚ୍ଚଶିକ୍ଷିତ ଥିଲେ ଓ ଚାଷବାସ କଥା ମଧ୍ୟ ବୁଝୁଥିଲେ। ଏକଦା ଗାଁ ନିକଟସ୍ଥ ଡେକାକନ୍ଦା ଡଙ୍ଗରରୁ ଚାଷକାମ ସାରି ଘରକୁ ଫେରିବା ପରେ ସେ ମୂର୍ଚ୍ଛା ହୋଇଯାଇଥିଲେ। ସେହି ଦିନଠାରୁ ପ୍ରାୟ ଦୀର୍ଘ ୩ ମାସ ଯାଏ ସେ ଆଉ କାହା ସହ କଥା ନ ହୋଇ ନିରବ ରହୁଥିଲେ। ହଠାତ୍ ପୁଣି ଯୁଆଡ଼େ ଇଚ୍ଛା ସିଆଡ଼େ ଦୌଡ଼ି ପଳାଇଥିଲେ। ପୁଅକୁ ଖୋଜାଖୋଜି କରି ପ୍ରତ୍ୟେକ ଦିନ ଫେରାଇ ଆଣୁଥିଲେ ପରିବାର। ଏବେ ଆଉ ତାହା କରି ନ ପାରିବାରୁ ପୁଅର କିଛି ଅସୁବିଧା ହେବା ଭୟରେ ସେମାନେ ଚିନ୍ତାରେ ଥିଲେ।



■ସହାୟତା ଆଶାରେ ପରିବାର

ପ୍ରଶାସନ ଭୁବନଙ୍କ ଉଚ୍ଚତର ଚିକିତ୍ସା କରିବାକୁ ଦାବି

ଦୁଇ ସପ୍ତାହ ତଳେ ଆମିଳିଆମ୍ବ ବାଡ଼ିରେ ଥିବା ପଣସ ଗଛରେ ଭୁବନଙ୍କୁ ଲୁହା ଶିକୁଳିରେ ବାନ୍ଧି ରଖିଛନ୍ତି ପରିବାର ଲୋକ। ହାତ ଓ ଗୋଡ଼ରେ ତାଙ୍କର ବେଡ଼ି ପଡ଼ିଛି। ପୂର୍ବରୁ କୋରାପୁଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭୁବନଙ୍କର ୩ ଦିନ ଚିକିତ୍ସା କରାଯାଇଥିଲା। ସେଠାରୁ କିଛି ସୁଫଳ ନ ମିଳିବାରୁ ପରିବାର ଲୋକେ ମୁର୍କାର ପଞ୍ଚାୟତରେ ଥିବା ଟିକିରାପଡ଼ା, ଟିକିରିରେ ଥିବା ନାକଟିଗୁଡ଼ା ଓ ସେମିଳିଗୁଡ଼ା, ପଞ୍ଚଡ଼ାର ଯୋଡ଼ିଖେନ୍ଦା, ଡୁମ୍ବାଗୁଡ଼ା ପଞ୍ଚାୟତରେ ଥିବା ଗୁଗାନ ଗ୍ରାମରେ ଥିବା ଗୁରୁମାଇ, ଦିଶାରୀ, ମନ୍ଦିର ଓ ଗୁଣିଆଙ୍କ ପରାମର୍ଶ କରି ଦେଶୀ ଚେରମୂଳି ଚିକିତ୍ସା ମଧ୍ୟ କରିଥିଲେ। ସବୁ ବନ୍ଧକ ରଖି ଟଙ୍କା ଆଣି, ହାତ ଉଧାରି କରି ମଧ୍ୟ କୌଣସିଠାରେ କିଛି ଫଳ ମିଳିଲା ନାହିଁ। ଭୁବନଙ୍କର ପାଗଳାମି ବଢ଼ିବାକୁ ଲାଗିଲା। ସ୍ୱାସ୍ଥ୍ୟ ବିଭାଗ ଭୁବନଙ୍କ ଉପରେ ଦୃଷ୍ଟିଦେଇ ତାଙ୍କର ଉଚ୍ଚତର ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପରିବାର ଓ ଗାଁଲୋକେ ଗୁହାରି ଜଣାଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

ଡାବୁଗାଁ,୧୮।୧ (ଡି.ଏନ.ଏ.)- ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଡାବୁଗାଁ ଥାନା ଅଧୀନ ଏକ ଗ୍ରାମର ଜଣେ ମହିଳା ନିଜ ବାପା ଘରେ ଏକ ମାସ ହେଲା ରହୁଥିଲେ। ଗୁରୁବାର ସନ୍ଧ୍ୟାରେ ମହିଳାଙ୍କ ସ୍ୱାମୀ ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଡାକିବାକୁ ଯାଉଥିବା ବେଳେ ରାସ୍ତାରେ ଅଞ୍ଚଳ ଗ୍ରାମର ଶିବ ଦାଶ (୨୫) ତାଙ୍କୁ କେଉଁଆଡେ ଯାଉଛୁ ବୋଲି ପଚାରି ଥିଲେ। ସ୍ୱାମୀଙ୍କୁ ଡାକିବାକୁ ଯାଉଛନ୍ତି ବୋଲି ମହିଳା ଜଣକ କହିଥିଲେ। ସେହି ସମୟରେ ଶିବ ମହିଳାଙ୍କ ହାତକୁ ଧରି ଟାଣି ଟାଣି ରାସ୍ତା କଡରେ ଥିବା ଏକ ପାଳ ଗଦା ପାଖକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରୁଥିବା ସମୟରେ ମହିଳା ଜଣଙ୍କ ପାଟି କରିଥିଲେ । ପାଟି ଶୁଣି ଗ୍ରାମର କିଛି ଲୋକ ସେଠାରେ ପହଞ୍ଚିବାରୁ ଶିବ ଦୌଡି ପଳାଇଥିଲା । ଲୋକମାନେ ମହିଳାଙ୍କୁ ଉଦ୍ଧାର କରିଥିଲେ। ଏନେଇ ମହିଳା ଜଣଙ୍କ ଶୁକ୍ରବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ ୧୫/୨୦ ରେ ମାମଲା ରୁଜୁ କରାଯାଇଥିଲା । ଥାନା ସବଇନ୍ସପେକ୍ଟର ଫକୀର ମୋହନ ଖୋରା ଘଟଣାର ତଦନ୍ତ କରି ଶନିବାର ଅଭିଯୁକ୍ତ ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ହଜିବା ସୁନା ପାଇବା ପାଇଁ ଗୁଣିଆଙ୍କ ପୂଜାର୍ଚ୍ଚନା

■ପ୍ରସାଦ ଖାଇ ୭ ଅସୁସ୍ଥ
■ଥାନାରେ ଏତଲା

ପାପଡାହାଣ୍ଡି, ୧୮।୧(ଡି.ଏନ.ଏ)

ଏବେ ବି ଗ୍ରାମାଞ୍ଚଳରେ ରହିଛି ଗୁଣିଆଙ୍କ ପ୍ରଭାବ । ଝଡା ଫୁଙ୍କା କରି ଚଳାଇଛନ୍ତି ନିଜର ପ୍ରଭାବ । ସଚେତନ ସତ୍ତ୍ୱେ ଗୁଣିଆଙ୍କ ଥମୁନି ପ୍ରାଦୁର୍ଭାବ ।ଏମାନଙ୍କର ମାୟା ଜାଲରେ ଛନ୍ଦି ହୋଇ ପଡୁଛନ୍ତି ନୀରିହ ଆଦିବାସୀ । ହଜିଲା ସୁନା ପାଇବା ପାଇଁ ଗୁଣିଆଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ଏବଂ ପ୍ରସାଦ ଖାଇ ୭ ଜଣ ଅସୁସ୍ଥ ହେବା ଘଟଣା ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ସାନକୁମୁଲି ଅଞ୍ଚଳରେ ଶୁକ୍ରବାର ଦେଖିବାକୁ ମିଳିଛି । ସାନକୁମୁଲି ଗ୍ରାମର ଫୁଲଦେବ ହରିଜନଙ୍କ ସୁନା ଜିନିଷ ଗତ କିଛି ଦିନ ତଳେ ହଜିଯାଇଥିଲା । ଗୁଣିଆଙ୍କୁ ଡକାଇ ପୂଜା କଲେ ସୁନା ମିଳିବ ଭାବି ଫୁଲଦେବ କୁଝାରି ନିକଟସ୍ଥ ଗୌଡଗୁଡା ଗ୍ରାମର ଗୁଣିଆଙ୍କୁ ଗୁରୁବାର ଡକାଇ ଘରେ ପୂଜା କରିଥିଲେ । ପୂଜା ସରିବା ପରେ ଉପସ୍ଥିତ ପରିବାର ଓ ସମ୍ପର୍କୀୟମାନଙ୍କୁ କଦଳୀ ଚୁଡାରେ ତିଆରି ପ୍ରସାଦ ଗୁଣିଆ ଖାଇବାକୁ ଦେଇ ଚାଲିଯାଇଥିଲେ । ପ୍ରସାଦ ଖାଇବା ପରେ ଲଳିତା ହରିଜନ (୩୦), ପାର୍ବତୀ ହରିଜନ (୪୦), ସ୍ୱାପ୍ନା ହରିଜନ (୨୫), ବିଜୟ ଲକ୍ଷ୍ମୀ ହରିଜନ(୨୮), କୁମାରୀ ହରିଜନ (୨୮), ଚିନୁ ହରିଜନ (୭), ତ୍ରିନାଥ ହରିଜନ (୩୦) ଅସ୍ୱାଭାବିକ ଆଚରଣ କରିବା ସହ ଅଚେତ ହୋଇଯାଇଥିଲେ। ଘଟଣାକୁ ନେଇ ଗ୍ରାମରେ ସମସ୍ତେ ଭୟଭୀତ ହୋଇପଡିଥିଲେ । ପାର୍ବତୀଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ଶନିବାର ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ଆସିବା ପରେ ସମସ୍ତଙ୍କୁ ଘରକୁ ପଠାଇଦିଆଯାଇଛି । ସ୍ୱାପ୍ନା ଗର୍ଭବତୀ ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସ୍ୱାପ୍ନାଙ୍କ ସ୍ୱାମୀ ପଦ୍ମନାଭ ହରିଜନ ପାପଡାହାଣ୍ଡି ଥାନାରେ ଏ ନେଇ ଏତଲା ଦେଇଛନ୍ତି । ଗୁଣିଆ ପ୍ରସାଦରେ କଣ ମିଶାଇଲେ କେହି କିଛି କହି ପାରୁନାହାନ୍ତି । ଗ୍ରାମରେ ବର୍ତ୍ତମାନ ଭୟର ବାତାବରଣ ଖେଳି ଯାଇଛି ।


ଅସୁସ୍ଥମାନେ ଚିକିତ୍ସା କରାଯାଉଛି ।



# ଏନ୍ଏସ୍ଏସ୍ ଦ୍ୱାରା ଫିଟ ଇଣ୍ଡିଆ ଅଭିଯାନ

କୋଡିଙ୍ଗା, ୧୮।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଡିଙ୍ଗା ରାଜଚାଉଁରିଆ ଯୁକ୍ତ୨ ମହାବିଦ୍ୟାଳୟ ଏନଏସଏସ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶନିବାର ଫିଟ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ଅଗଷ୍ଟ ୨୯ରେ ସମସ୍ତଙ୍କୁ ସୁସ୍ଥ ଜୀବନ ଯାପନ କରିବା ପାଇଁ ଫିଟ ଇଣ୍ଡିଆ ମିଶନ ଆରମ୍ଭ କରାଯାଇଥିଲା । ଏଥିପାଇଁ କୋଡିଙ୍ଗା ରାଜଚାଉଁରିଆ ଯୁକ୍ତ ୨ ମହାବିଦ୍ୟାଳୟର ଏନଏସଏସ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସାଇକେଲ ରାଲି ଏବଂ ସଚେତନତା ସଭା ଆୟୋଜନ କରାଯାଇଛି । ସଚେତନତା ସଭାରେ ଏନଏସଏସ ସଂଯୋଜକ ଅଧ୍ୟାପକ ରବିନାରାୟଣ ପାଣିଗ୍ରାହୀ ଏବଂ ଖେଳ ଶିକ୍ଷକ ପ୍ରଦିପ୍ତ ସାମନ୍ତ, ଅଧ୍ୟାପକ ପଞ୍ଚାନନ ଦୁରିଆ ସୁସ୍ଥ ରହିଲେ କିପରି ଜୀବନ ସୁଖମୟ ହେବ ଏ ବିଷୟରେ ବୁଝାଇଥିଲେ। ସୁସ୍ଥରହିବା ପାଇଁ ଯୋଗ, ବ୍ୟାୟାମ, ସାଇକେଲ ଚାଳନା ଭଳି ଅଭ୍ୟାସ ଦୈନନ୍ଦିନ ଜୀବନରେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ।



ଛାତ୍ରୀଛାତ୍ରମାନେ ସଚେତନ ଶୋଭାଯାତ୍ରାରେ ଯାଉଛନ୍ତି ।

# ଆବାସ ଯୋଜନାରେ ଘର ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

ବ୍ଲକ ନୋଡାଲ ବୈଠକ

ଡାବୁଗାଁ,୧୮।୧(ଡି.ଏନ.ଏ.)–

ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ବିଡିଓ ରଞ୍ଜିତାମେରୀ ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ ନୋଡାଲ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଖାଉଟି କଲ୍ୟାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟଜଳ ଓ ଏମଜିଏନଆରଇଜିଏସ ଆଦି ଯୋଜନା ଗୁଡିକ ଉପରେ ଆଲୋଚନା ହୋଇଥିଲା । ଏଥିରେ ଜିଲା ମଙ୍ଗଳ ଅଧିକାରୀ ତଥା ବ୍ଲକ ନୋଡାଲ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଯୋଗ ଦେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଚାଲିଥିବା ୨୦୧୯-୨୦ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଗୁଡିକ କାର୍ଯ୍ୟର ଅଗ୍ରଗତି ଓ ଅସମ୍ପୂର୍ଣ୍ଣ ଘର ଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଯେଉଁ ହିତାଧିକାରୀମାନେ ୪/୬ ମାସ ମଧ୍ୟରେ ଗୃହ କାର୍ଯ୍ୟ ଶେଷ କରିଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ରାଶୀ ତୁରନ୍ତ ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, କନିଷ୍ଠଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଦାସ, ସୁରେଶ କୁମାର ସେଠୀ ଓ ସୁବାଶ ଚନ୍ଦ୍ର ଖଡଙ୍ଗା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡାଃ ବିଧୂତ ଶେଖର ମିଶ୍ର, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ମୃତ୍ତିକା ସଂରକ୍ଷଣ ଅଧିଦର୍ଶକ ପ୍ରଳୟ ପ୍ରଭଞ୍ଜନ ପ୍ରସାଦ ପାଢୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ଶାହା ଉପସ୍ଥିତ ଥିଲେ।

## ମାମଲା ପ୍ରତ୍ୟାହାର ନ କରିବାରୁ ଭଉଣୀଙ୍କୁ ହତ୍ୟା ଧମକ

ଗୋପାଳପୁର,୧୮।୧

ମାମଲା ପ୍ରତ୍ୟାହାର ନ କରିବାରୁ ଭାଇ ଓ ଭାଉଜ ଭଉଣୀଙ୍କୁ ହତ୍ୟା ଧମକ ଦେଇଥିବା ଶନିବାର ସନ୍ଧ୍ୟାରେ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୭/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି। ପ୍ରକାଶ ଯେ, ଗୋପାଳପୁର ଥାନା ଡୁରା ଗ୍ରାମର ପ୍ରତିମା କୁମାରୀ ସାହୁ ଗତ ନଭେମ୍ବରରେ ମା' ଘର ପାଟପୁରକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଭାଇ ଓ ଭାଉଜଙ୍କ ସହିତ ତାଙ୍କର ଝଗଡ଼ା ହୋଇଥିଲା। ପ୍ରତିମାଙ୍କ ଏତଲା କ୍ରମେ ପାଟପୁର ଥାନାରେ ଭାଇ ଓ ଭାଉଜଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ପରେ ପ୍ରତିମା ଶାଶୁ ଘର ଡୁରାକୁ ଆସିଯାଇଥିଲେ। ଶନିବାର ଭାଇ ଓ ଭାଉଜ ପ୍ରତିମା ପାଖକୁ ଆସି ପାଟପୁର ଥାନାରୁ ମାମଲାକୁ ପ୍ରତ୍ୟାହାର କରିବା ପାଇଁ କହିଥିଲେ। ପ୍ରତିମା ମନା କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

# କ୍ୟାରିୟରକାଉନସେଲିଂପ୍ରଶିକ୍ଷଣ

ନବରଙ୍ଗପୁର,୧୮।୧(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟ ଯୁକ୍ତ ୩ ବିଭାଗ ପକ୍ଷରୁ ଉଦ୍ୟୋଗୀ ବିକାଶ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଆଇ.ପି.ଓ. ଗୌରବ ସେନାପତି, କୋଣାର୍କ ଆଇ.ଟି.ଆଇର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓରମାସ ଜିଲା ସଂଯୋଜକ ଅନିଲ ଦିନବନ୍ଧୁ ରାଉତରାୟ ଯୋଗଦେଇ ଶିକ୍ଷା ପରବର୍ତ୍ତି ଓ ଦକ୍ଷତାକୁ ନେଇ ନିଜେ ନିଜର ଜିବୀକା ନିର୍ବାହ କରିବେ ସେ ନେଇ ବିଭିନ୍ନ ମତ ଦେଇଥିଲେ । ସରକାର କ୍ଷୁଦ୍ର ଓ ଘରୋଇ ଉଦ୍ୟୋଗ ପାଇଁ ବିଭିନ୍ନ ରିହାତି ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏହାର ଫାଇଦା ନେବା ସହ ନିଜ ଦକ୍ଷତା ଭିତିରେ ଅଧିକ ରୋଜଗାରକ୍ଷମ ହୋଇ ପାରିବା ବୋଲି କହିଥିଲେ । ଯୁକ୍ତ ତିନିର ଶେଷ ବର୍ଷରେ ଛାତ୍ରୀ ମାନେ ଆଲୋଚନା ମାଧ୍ୟମରେ ପ୍ରଶିକ୍ଷିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଡଃ. ସଂଯୁକ୍ତା ପଣ୍ଡା, ରଂଜୁଷା ପ୍ରହରାଜ, ତାରନୁମ ଆରା, ଅଧ୍ୟାପକ ନୃପେନ୍ଦ୍ର ନାଥ ଖୋସଲା ବିନୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ପାପଡାହାଣ୍ଡି/ ମଇଦଲପୁର, ୧୮।୧(ଡି.ଏନ.ଏ) –

ପାପଡାହାଣ୍ଡି ବ୍ଲକ ମଇଦଲପୁର ଗ୍ରାମର୍ ଏସ.ଗଣପତି ଦୋରାଙ୍କ ମୃତଦେହ ଶନିବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଟ୍ରେନ ଧାରଣାରୁ ଉଦ୍ଧାର ହୋଇଛି । ଗଣପତି ଚଳିତ ମାସ ୨ ତାରିଖରେ ନିଜ ମା' କୁ ଜୟପୁର ଯିବି କହି ନିଜ କାର ଯୋଗେ ବାହାରିଥିଲେ । ଗଣପତି ଜୟପୁରରୁ ଫେରିବା ସମୟର ନବରଙ୍ଗପୁର ଠାରେ ନିଜ କାର ଅଟକାଇ ଡ୍ରାଇଭରକୁ କହିଥିଲେ ଯେ କାର ଘରେ ରଖି ଦେବୁ, ମୋର ସାଙ୍ଗ ମାନଙ୍କ ସହ ଭୋଜି ଅଛି ମୁଁ ଆସନ୍ତା କାଲିକୁ ଘରକୁ ଆସିବି । ନିଜ ମା' କୁ ଫୋନ କରି ମଧ୍ୟ ଏହା କହିଥିଲେ । ପରିବାର ସଦସ୍ୟ ୩ତାରିଖରୁ ଗଣପତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଗଣପତି ମଇଦଲପୁରରେ ରହୁଥିବା ସାଙ୍ଗ ମାନକୁ ଫୋନ କରି କହିଥିଲେ କି ମୁ ଠିକ ଅଛି ମୋ ଘରେ ଜଣେଇଦିଅ। ୯ ତାରିଖରେ ମଇଦଲପୁର ଘରକୁ ଆସିବି । ୯ ତାରିଖରେ ଗଣପତିଙ୍କ କିଛି ଖବର ନ ମିଳିବାରୁ ପରିବାର ଲୋକେ ନିଜ ସମ୍ପର୍କୀୟ ଘରେ ଖୋଜାଖୋଜି କରିଥିଲେ । କିନ୍ତୁ ଗଣପତିଙ୍କ କିଛି ଖବର ମିଳି ନଥିଲା । ଚଳିତ ମାସ ୧୪ ତାରିଖରେ ଗଣପତିଙ୍କ ମଇଦଲପୁର ଘରେ କୋରିୟର ଆସି ପହଞ୍ଚିଥିଲା । ଗଣପତି ଙ୍କ ମା' କୋରିୟର ଗ୍ରହଣକରି ଖୋଲି ଥିଲେ । ସେଥିରେ ଗଣପତି ପିନ୍ଧିଥିବା ସୁନା ଚେନ, ମୁଦି ରହିଥିଲା। ଏହା ଦେଖି ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ । ଗଣପତିଙ୍କ ପିତା ରାମା ତୁରନ୍ତ ଯାଇ ମଇଦଲପୁର ଫାଣ୍ଡିରେ ଗଣପତି ଗତ ୨ ତାରିଖ ଠାରୁ ନିଖୋଜ ଅଛନ୍ତି ବୋଲି ଅଭିଯୋଗ କରିଥିଲେ । କିନ୍ତୁ ୧୮ ତାରିଖ ଶନିବାର ସକାଳ ୭ ଟା ରେ ଟିଟଲାଗଡ ଜିଆରପି ଥାନରୁ ରାମାଙ୍କୁ ଫୋନ ଆସିଥିଲା । ଗଣପତିଙ୍କ ମୃତଦେହ ଲାଞ୍ଜିଗଡ଼ ଟ୍ରେନ ଧାରଣରୁ ଉଦ୍ଧାର କରାଯାଇଛି ବୋଲି କହିଥିଲେ। ଏହା ପରେ ପରିବାର ଲୋକେ ତୁରନ୍ତ ଟିଟାଲାଗଡ ଥାନା ଯାଇ ପହଞ୍ଚିଥିଲେ । ଟିଟାଲାଗଡ଼ ଥାନାରେ ନଂ ୩/୨୦ ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି ।

## ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ

ଶଙ୍କରାଖୋଲ,୧୮।୧(ଡି.ଏନ୍.ଏ)

ବିଶିପଡ଼ା ସଦରଥାନା ସାରତାଗୁଡ଼ା ଠାରେ ସଦର ପୋଲିସ ପାଟ୍ରୋଲିଂ ବେଳେ ମିନିଟ୍ରକ୍ ସହ ୨୪ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ଜବତ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଛାପଡ଼ା ଗ୍ରାମର ଚିତ୍ରସେନ ନାଗ ଓ ଭାସ୍କର କହଁର। ଅଭିଯୁକ୍ତମାନେ ମିନିଟ୍ରକ୍‌ରେ ଗୋଛାପଡ଼ାରୁ ନୟାଗଡ଼ ଜିଲାକୁ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ଗିରଫ କରିଥିଲା।


















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧନ ଜୀବନ ଏ ଜଗତେ, ଯେ ପ୍ରାଣ ଧରେ
ପ୍ରାଣୀ ହିତେ।
-ଜଗନ୍ନାଥ ଦାସ

## ସଂକ୍ଷେପରେ

### ରତ୍ନମୁଦ ପାଇଁ ପ୍ରସ୍ତୁତି



ଦଶମନ୍ତପୁର,୧୮।୧(ଡି.ଏନ୍.ଏ.): ସ୍ଥାନୀୟ ଦଶମନ୍ତପୁର ବ୍ଲକସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ରରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନମୁଦ ମହୋତ୍ସବ କାର୍ଯ୍ୟକ୍ରମ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର କମିଟି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ କହ୍ନେଇ ଜାନୀ, ବେଣୁଧର ପାତ୍ର, ରଘୁପତି ବିଶୋଇ, କେ.ଟି.କେ. ମିଶ୍ର, କାହ୍ନୁଚରଣ ପରିଡ଼ା, ଶୁକରାମ ଗୋଣ୍ଡ, ପଦ୍ମଚରଣ ଖାଡ଼ଙ୍ଗା, କାଳିଆ ମଣି ଗଉଡ଼, କୃପାସିନ୍ଧୁ ବାଣୁଆ, ସଦାଶିବ ନାୟକ ଯୋଗ ଦେଇଥିଲେ। ୨୬ ଜାନୁଆରୀରେ ସାହାଡ଼ା ବୃକ୍ଷ ବରଣ, ୨୭ରେ ରତ୍ନମୁଦ, ଅଷ୍ଟପ୍ରହରୀ ନାମଯଜ୍ଞ ଓ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବରିଷ୍ଠ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ଦାୟିତ୍ୱ ବଣ୍ଟନ କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଦାମନଯୋଡ଼ି,୧୮।୧(ଡି.ଏନ୍.ଏ.): ମାଥାଲପୁଟସ୍ଥିତ ମାଲୁ ସାଉନ୍ତା ସରକାରୀ ହାଇସ୍କୁଲରେ କୋରାପୁଟ ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଆଖପାଖ ପଞ୍ଚାୟତରୁ ୧୧୬ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ପରୀକ୍ଷାରେ ୬୦ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଛନ୍ତି । କୋରାପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା ମାଝି, ଉପାଧ୍ୟକ୍ଷ ମୁରଲି ଖରା, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ବିଡିଓ ନରେନ୍ଦ୍ର ନାୟକ, ସିଡିପିଓ ସୁଷମା ମହାପାତ୍ର, ଏବିଇଓ ଦୟାସିନ୍ଧୁ ବାଘ ଉପସ୍ଥିତ ଥିଲେ। ସେହିପରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ଗୌତମ ଖୋସଲା, ପଟ୍ଟାଙ୍ଗୀ ବିଏସ୍‌ଏସ୍‌ଓ ସୌଦାମିନୀ ପ୍ରଧାନ, ମାଲୁ ସାଉନ୍ତା ହାଇସ୍କୁଲ ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ସେଠୀ ଯୋଗ ଦେଇଥିଲେ । କୋରାପୁଟ ମେଡିକାଲ କଲେଜ ଓ ଜିଲା ହସ୍ପିଟାଲରୁ ଆସିଥିବା ମନସ୍ତତ୍ତ୍ୱବିତ୍ ଡ. ବାପିନ୍ ପାତ୍ର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଅରବିନ୍ଦ ପଟ୍ଟନାୟକ, କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା. ଦେବଦତ୍ତ ଆଚାର୍ଯ୍ୟ ପରୀକ୍ଷା କରି ଭିନ୍ନକ୍ଷମ ଚିହ୍ନଟ କରିଥିଲେ । ସେହିପରି ମନୋବିଜ୍ଞାନୀ ସ୍ୱାଧୀନ ମୁଦୁଲି, ଅଡିଓଲୋଜିଷ୍ଟ ଆଶୁତୋଷ ବିକାଶ ଦାଶ, ମନୋବିଜ୍ଞାନୀ ସୁଦେଷ୍ଣା ଘୋଷ, ଏମ୍‌ଆଇ ଅଞ୍ଜନା ପଣ୍ଡା, କୃତିମ ଅଙ୍ଗ ପ୍ରତ୍ୟଙ୍ଗ ବିଭାଗ ଅଧିକାରୀ ଅଞ୍ଜନ ସାହୁ, ଫିଜିଓ ଥେରାପିଷ୍ଟ ପ୍ରେମ ଜାନୀ କିଣ୍ଡୋ ଯୋଗ ଦେଇଥିଲେ। କୋରାପୁଟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୁଣ ପାଢ଼ୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ବିସ୍ମୟ ବାରିକ ଓ ସହଯୋଗୀ ଭିନ୍ନକ୍ଷମ ପ୍ରମାଣପତ୍ର କାର୍ଯ୍ୟ କରିଚାଳନା କରିଥିଲେ।

# ବଢ଼ିଲା ଧାନ ସଂଗ୍ରହ ଟାର୍ଗେଟ୍

## ଆହୁରି ୭୪ ହଜାର କୁଇଣ୍ଟାଲ ଧାନ କିଣାଯିବ

ଜୟପୁର,୧୮।୧(ନି.ପ୍ର.)

କୋରାପୁଟ ଜିଲାରେ ୭୪ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ପୁଣି ଟାର୍ଗେଟ ବଢ଼ାଇଛନ୍ତି ରାଜ୍ୟ ସରକାର। ପ୍ରଶାସନ ଗତ ନଭେମ୍ବର ୧୫ରୁ ଧାନ ମଣ୍ଡି ଆରମ୍ଭ କରିଛନ୍ତି। ଜିଲାରେ ଚାଷୀମାନେ ଖରିଫ ଧାନ ଅମଳ କରି ଖଳାରେ ରଖିଥିବା ବେଳେ ପ୍ରଶାସନ ପକ୍ଷରୁ ଧାନକିଣା ପାଇଁ ୯୧ଟି ମଣ୍ଡି ଖୋଲାଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷ ଖରିଫ ଋତୁ ପାଇଁ ଜିଲାରୁ ମୋଟ ୧୩ ଲକ୍ଷ ୫୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିଲା। ୪ଟି ପର୍ଯ୍ୟାୟରେ ଧାନ ସଂଗ୍ରହର ଟାର୍ଗେଟ ସରକାର ବଢ଼ାଇ ବଢ଼ାଇ ୧୯ ଲକ୍ଷ ୪୦ ହଜାର କୁଇଣ୍ଟାଲ କରିଥିଲେ। ପଞ୍ଚମ ପର୍ଯ୍ୟାୟରେ ପୁଣି ଟାର୍ଗେଟ୍ ବୃଦ୍ଧି କରି ଆଉ ୭୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଚତୁର୍ଥ ପର୍ଯ୍ୟାୟ ଯାଏ ଲକ୍ଷ୍ୟ ଧାର୍ଯ୍ୟ ୧୯ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାନରୁ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷ ୨୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଅବଶିଷ୍ଟ ଥିବା ଓ ବର୍ତ୍ତମାନର ବର୍ଦ୍ଧିତ ଟାର୍ଗେଟ୍‌କୁ ମିଶାଇ ୨୦ ଲକ୍ଷ ୧୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ପ୍ରକାଶ କରିଛନ୍ତି।

## ସମିତିସଭ୍ୟଙ୍କୁ ନେଇ ସାଧାରଣ ବୈଠକ



ସାଧାରଣ ବୈଠକରେ ପଟ୍ଟାଙ୍ଗୀ ବିଧାୟକ ପ୍ରିତମ ପାଢ଼ୀଙ୍କ ସହ ଅନ୍ୟମାନେ ।

ସେମିଳିଗୁଡ଼ା,୧୮।୧(ସ୍ୱ.ପ୍ର.)

ସେମିଳିଗୁଡ଼ା କନଫରେନ୍ସ ହଲରେ ବ୍ଲକ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ୧୭ଟି ପଞ୍ଚାୟତର ସମିତି ସଭ୍ୟଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ ଯୋଗଦେଇ ଗ୍ରାମାଞ୍ଚଳରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଉପୁଜୁଥିବା ସମସ୍ୟା ଶୁଣିଥିଲେ। ସମିତିସଭ୍ୟମାନେ ନିଜ ପଞ୍ଚାୟତରେ ଥିବା ସମସ୍ୟା ଉପରେ ମତ ଦେବା ପରେ ଏହାର ସମାଧାନ କରାଯିବା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଦୀନେଶ ଖରା, ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରା ଯୋଗ ଦେଇଥିଲେ।

## ରେଳଧାରଣାରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୮।୧

ଛତ୍ରପୁର ଓ ଗଞ୍ଜାମ ରେଳଧରଣା କଡ଼ରୁ ଜିଆର୍‌ପି ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ଜବତ କରାଯାଇ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି। ଏ ନେଇ ନଂ.୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରେଳଧରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

## ଆଞ୍ଚଳିକସ୍ତରୀୟ ଆଇଟିଆଇ ପ୍ରତିଯୋଗିତା

ଜୟପୁର,୧୮।୧(ଡି.ଏନ୍.ଏ.)

ଜୟପୁର ବ୍ଲକ ଆମ୍ବାଗୁଡ଼ାସ୍ଥିତ ଗୋପବନ୍ଧୁ ସରକାରୀ ବୈଷୟିକ ଶିଳ୍ପ ପ୍ରତିଷ୍ଠାନ (ଆଇଟିଆଇ)ରେ ଅବିଭକ୍ତ କୋରାପୁଟ ଜିଲାର ୧୧ଟି ସରକାରୀ ଓ ଗୋଟିଏ ଘରୋଇ ପ୍ରତିଷ୍ଠାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଞ୍ଚଳିକ ସ୍ତରୀୟ ଫେଷ୍ଟ-୨୦୨୦ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ରାଜ୍ୟରୁ ୧୧ଟି ଜୋନରୁ ଆମ୍ବାଗୁଡ଼ାରେ ଅନୁଷ୍ଠିତ ଆଞ୍ଚଳିକ ପ୍ରତିଯୋଗିତାରେ ୧୨ଟି ଆଇଟିଆଇର ୨୦୦ ଜଣ ଛାତ୍ରୀଙ୍କ ସମେତ ପ୍ରାୟ ୫୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ବିଭିନ୍ନ ନୃତ୍ୟ, ସଙ୍ଗୀତ, ଖେଳ ପ୍ରତିଯୋଗିତା ହୋଇଥିଲା। ୧୫୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଶିଶିର ଦଳେଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଓ କର୍ମଚାରୀ ରାକେଶ ମିଶ୍ର, ପ୍ରଣବ ପଣ୍ଡା, ନିମାଇଁ ମହାପାତ୍ର, ବିଜୟଶ୍ରୀ ପଟ୍ଟନାୟକ, ସସ୍ମିତା ନାୟକ, ସରିତା ପଟ୍ଟନାୟକ, ସତ୍ୟବ୍ରତ ସାହୁ, ଶ୍ରୀକାନ୍ତ ସାମଲ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ପଲିଟେକନିକ ଅଧ୍ୟକ୍ଷ ଅସିତ ଆଚାର୍ଯ୍ୟ, ପଟ୍ଟାଙ୍ଗି ଆଇଟିଆଇ ଅଧ୍ୟକ୍ଷ ଧର୍ମପ୍ରକାଶ ସାମଲ, କୋଟପାଡ଼ର ପ୍ରିୟଙ୍କା ପାଣିଗ୍ରାହୀ, ଲକ୍ଷ୍ମୀପୁରର ଶୋଭେନ ବେହେରା ଉପସ୍ଥିତ ଥିଲେ।




ପ୍ରତିଯୋଗିତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଦୁର୍ଘଟଣାରେ ୨ ଗୁରୁତର

ଶଙ୍କରାଖୋଲ,୧୮।୧ (ଡି.ଏନ୍.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟ ରାଗାଗୁଡା ଘାଟି ବୁଲାଣୀ ରାସ୍ତାରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଭାରସାମ୍ୟ ହରାଇ ୧୦ ଫୁଟ ତଳକୁ ଖସି ପଡିବିରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶଙ୍କରାଖୋଲ ପଞ୍ଚାୟତ ସିତାଜାଡ ଗ୍ରାମର ବାଇକ ଚାଳକ ଭାସ୍କର କହଁର, ଲକ୍ଷ୍ମଣ କହଁର। ବାଇକରେ ଥିବା ଅନ୍ୟ ଜଣେ ଦେବେନ୍ଦ୍ର କହଁରମଧ ଆହତ ହୋଇଛନ୍ତି। ଖଜୁରିପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଗୁମାଗଡ ସାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଭାସ୍କର ଓ ଲକ୍ଷ୍ମଣଙ୍କ ଅବସ୍ଥା ଗୁରୁତର ହେବାରୁ ଜଣଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଫିଟ୍ ଇଣ୍ଡିଆ ପାଇଁ ସାଇକେଲ ରାଲି




ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅବସରରେ ବାହାରିଥିବା ସାଇକେଲ ରାଲି ।

ବୈପାରୀଗୁଡ଼ା,୧୮।୧(ଡି.ଏନ୍.ଏ.)

ଉନ୍ନତ ଜୀବନଯାପନ ପାଇଁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ଏକ ସାଇକେଲ ରାଲି ଆୟୋଜନ କରାଯାଇଛି। ଆଇନଜୀବୀ ତଥା ସାମାଜିକ କର୍ମୀ ପି. ରମେଶ ପାତ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରାଲି ବସ୍ତି ଇଲାକାରେ ପରିକ୍ରମା କରିବା ସହ ସୁସ୍ଥ ଭାରତ ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଓ ଅନ୍ୟ ଅଧ୍ୟାପକମାନେ ସୁସ୍ଥ ଜୀବନଯାପନର କୌଶଳ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

## ମତ୍ସ୍ୟ ନା କୃଷି ବିଭାଗ: ଜମି କାହାର

ଜୟପୁର,୧୮।୧(ଡି.ଏନ୍.ଏ.)

ଜୟପୁର ସହରର ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର କାଳିଆ ପେଟ୍ରୋଲ ପମ୍ପ ସମ୍ମୁଖରେ କୃଷି ବିଭାଗ ପୁରାତନ ଧାନ ବିହନ ବିକ୍ରୟ କେନ୍ଦ୍ର ପଛପାଖରେ ବାସଗୃହ ପାଇଁ ପିଲର ଗାତ ଖୋଳାଯାଉଥିଲା। କିନ୍ତୁ ଉକ୍ତ ଜମି ମତ୍ସ୍ୟ ବିଭାଗର ବୋଲି ଦର୍ଶାଇ ଦୁଇଜଣ ବିଭାଗୀୟ କର୍ମଚାରୀ ଠିକାଦାରଙ୍କ କାର୍ଯ୍ୟ ବନ୍ଦ କରିଛନ୍ତି। ଜମିକୁ ନେଇ କୃଷି ଓ ମତ୍ସ୍ୟ ବିଭାଗ ଭିତରେ ଟଣାଓଟରା ଆରମ୍ଭ ହୋଇଛି। କାମ ବନ୍ଦ ହେବା ଯୋଗୁ ଠିକାଦାର କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଜିଲା କୃଷି ଅଧିକାରୀଙ୍କ ପୁରାତନ ସରକାରୀ ବାସଗୃହ ପାର୍ଶ୍ୱରେ ଜଣେ ଜବରଦଖଲକାରୀ ଛାତଘର ତିଆରି କରୁଥିଲେ ମଧ୍ୟ ବିଭାଗର ଦୃଷ୍ଟି ନାହିଁ। କୃଷି ବିଭାଗ ନିଜ ଜମିକୁ ଜବରଦଖଲରୁ ମୁକ୍ତ କରିବା ବଦଳରେ ମତ୍ସ୍ୟ ବିଭାଗ ଜମିକୁ ଅକ୍ତିଆର କରିବାକୁ ଲାଗିଛି ବୋଲି ଅଭିଯୋଗ ଉଠିଛି। କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ ତାଙ୍କୁ ଜମି ଦେଖାଇବା ପରେ ନିର୍ମାଣ କାମ ଆରମ୍ଭ କରାଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ମହାନ୍ତି କହିଛନ୍ତି, ଏନେଇ ତାଙ୍କୁ ଅବଗତ କରାଯାଇନାହିଁ। ଜବରଦଖଲ ନିର୍ମାଣ ସମ୍ପର୍କରେ ତଦାରଖ ସହ ମାପଚୁପ ପାଇଁ ତହସିଲ କାର୍ଯ୍ୟାଳୟର ସହାୟତା ନିଆଯିବ।

## ଏୟାରଷ୍ଟ୍ରିପରେ ପହଞ୍ଚିଲା ମେଶିନ, ଅଗ୍ନି ନିର୍ବାପକ ଗାଡ଼ି



ଜୟପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିବା ଯନ୍ତ୍ରାଂଶ ।

ଜୟପୁର,୧୮।୧(ଡି.ଏନ୍.ଏ.)

ଉଡ଼ାଣ ଯୋଜନାରେ ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ଜୟପୁର ଏୟାରଷ୍ଟ୍ରିପ୍‌ରେ ଶନିବାର ବିଭିନ୍ନ ମେଶିନ ଓ ଅଗ୍ନି ନିର୍ବାପକ ଗାଡ଼ି ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ଦୁଇଦିନ ତଳେ ଦୁଇ ଜଣ ବୈଷୟିକ ଅଧିକାରୀ ଏହି ଏୟାରଷ୍ଟ୍ରିପ୍‌କୁ ଯାଞ୍ଚ କରି ଫେରିଛନ୍ତି। ଏଠାରୁ ବିମାନ ଉଡ଼ିବା ପାଇଁ ଆବଶ୍ୟକ କରୁଥିବା ଯାତ୍ରୀଙ୍କ ସାମଗ୍ରୀ ଯାଞ୍ଚ ମେଶିନ, ଟିକେଟ ବୁକିଙ୍ଗ, କମ୍ପ୍ୟୁଟର, ଅଗ୍ନି ନିର୍ବାପନ ପାଇଁ ଅଗ୍ନିଶମ ଗାଡ଼ି ଓ ଅନ୍ୟ ସାମଗ୍ରୀ ଭାରତୀୟ ବିମାନ ପ୍ରାଧିକରଣ ପକ୍ଷରୁ ଆସି ଜୟପୁରରେ ପହଞ୍ଚିଛି। ଏହି ସବୁ ଜିନିଷକୁ ବ୍ୟବହାର କରାଯିବା ଦିଗରେ ଏବେ ବିଭାଗ କାର୍ଯ୍ୟରେ ଲାଗିପଡ଼ିଛି। ସୂଚନା ଅନୁଯାୟୀ ଆସନ୍ତା ୨୨ରେ କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀ ଏଠାରେ ପହଞ୍ଚି ଭିତ୍ତିଭୂମି ଯାଞ୍ଚ କରିବେ। ଏହାପରେ କେତେ ମାସ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟର ଟେଣ୍ଡରରେ ୪୨ କୋଟି ଟଙ୍କା କାର୍ଯ୍ୟ ଶେଷ ହେବ ଓ ଅନ୍ୟ ସାମଗ୍ରୀ ସଂଯୋଗ ସହ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି ନେଇ ଘୋଷଣା କରିବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ଏୟାରଷ୍ଟ୍ରିପର ସଂପ୍ରସାରଣ ପାଇଁ ସମୁଦାୟ ୫୮ ଏକର ଜମି ଅଧିଗ୍ରହଣ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୬ କୋଟିର ସିଭିଲ କାର୍ଯ୍ୟ ସରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୪୨ କୋଟି ଟଙ୍କାର ଟେଣ୍ଡର ଶେଷ ହୋଇଛି।

## କେନାଲରେ ଜମୁଛି ମାଟି, ଗାଁଲୋକଙ୍କ ଘରୁ ଝରଉଛି ପାଣି

ଜୟପୁର,୧୮।୧(ଡି.ଏନ୍.ଏ.)

ଜୟପୁର ବ୍ଲକ ଡିମଳା ଡିଷ୍ଟ୍ରିବ୍ୟୁଟର ଉପକେନାଲରେ ମାଟି ପୂରି ରହିଥିବା ଯୋଗୁ କେନାଲରେ ପାଣି ଭର୍ତ୍ତି ହେବା ପରେ ହିଡ଼ ଡେଇଁ ସ୍ଥାନୀୟ ଅଞ୍ଚଳରେ ପାଣି ପଶୁଛି। ଫଳରେ ନିକଟସ୍ଥ ସାନଡିମଳା ଗ୍ରାମର ହରିଜନ ସାହିର କେତେକ ବାସିନ୍ଦାଙ୍କ ଘର ଭିତରୁ ପାଣିଝର ବାହାରୁଛି। ଏନେଇ ଗ୍ରାମବାସୀ ଇରିଗେସନ ବିଭାଗ ପାଖରେ ଅଭିଯୋଗ କରିଛନ୍ତି। ଏହି କେନାଲରୁ ମାଟି ବାହର କରିବା ସହ ମରାମତି ବାବଦକୁ ପ୍ରାୟ ୪ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଡିଷ୍ଟ୍ରିବ୍ୟୁସନରେ ୬୭୫ ମିଟର ଲମ୍ବର ଉପକେନାଲ ରହିଛି । କିନ୍ତୁ ଏହା ୨୦୦ ମିଟର ପୂର୍ବରୁ କେନାଲରେ ମାଟି ଜମା ହୋଇଯାଇଥିବା ଯୋଗୁ ପାଣି ଆଗକୁ ପ୍ରବାହିତ ହୋଇ ନ ପାରି କେନାଲ ହିଡ଼ ଡେଉଁଛି। ଫଳରେ ଆଖପାଖରେ ପାଣି ଜମା ରହିବା ଯୋଗୁ ହରିଜନ ସାହିର ରିଙ୍କୁ ବାଗ, ଟିଙ୍କୁ ବାଗ, ବୁଡୁ ବାଗ, ମୋହନ ବାଗ ଓ ସୋମନାଥ ବାରିକଙ୍କ ଘର ଭିତରୁ ପାଣିଝର ବାହାରୁଛି। ଘରଲୋକେ ଚଟାଣରେ ଶୋଇବାରେ ସମସ୍ୟା ଉପୁଜୁଥିବା ବେଳେ ଥଣ୍ଡାଶର୍ଦ୍ଦି ଧରୁଛି। ଏନେଇ ସ୍ଥାନୀୟ ପଞ୍ଚାୟତର ଯୁବ ବିଜେଡି ସଂପାଦକ ଦିଲୀପ ସାହୁ ଇରିଗେସନ ବିଭାଗରେ କେନାଲ ମରାମତି ପାଇଁ ଦାବି କରିଛନ୍ତି। ପାଣିକୁ ଗ୍ରାମବାସୀ ଘରୋଇ ଜମିରେ ଅସ୍ଥାୟୀ ନାଳ ଦେଇ ବାହାରକୁ ଛାଡ଼ିବା ବ୍ୟବସ୍ଥା କରିଛନ୍ତି । କିନ୍ତୁ ଗୃହରେ ଝର ବାହାରିବା ସମସ୍ୟା ଦେଖାଦେଇଛି। ଏହିପରି କେନାଲର ମରାମତି କରାଯାଇ ପ୍ରବାହିତ ପାଣି ପୁରାତନ କେନାଲ ଦେଇ ଜମିରେ ପହଞ୍ଚିଲେ ଘର ଭିତରରୁ ଝର ବାହାରିବା ବନ୍ଦ ହେବ ବୋଲି ସେମାନେ କହିଛନ୍ତି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ରଜନୀକାନ୍ତ ମିଶ୍ର କହିଛନ୍ତି ଯେ, ଟଙ୍କା ମଞ୍ଜୁର ହୋଇଯାଇଛି । ଆସନ୍ତା ଦୁଇଦିନ ମଧ୍ୟରେ ଏହି କେନାଲର ମରାମତି ଅତିଶୀଘ୍ର କରାଯିବ।

## ସଡ଼କ ସୁରକ୍ଷା ସପ୍ତାହ ଶୋଭାଯାତ୍ରା




ସଡ଼କ ସୁରକ୍ଷା ସପ୍ତାହ ପାଇଁ ସୁନାବେଡ଼ା ମହିଳା ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

ସୁନାବେଡ଼ା,୧୮।୧

ସୁନାବେଡ଼ା ମହିଳା ମହାବିଦ୍ୟାଳୟ ଡିଗ୍ରୀ ବିଭାଗ ପକ୍ଷରୁ ଶୁକ୍ରବାର ଏକ ବିରାଟ ଶୋଭାଯାତ୍ରା ସହ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଶୋଭାଯାତ୍ରାରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀ ଯୋଗଦେଇ ୨୬ ନମ୍ବର ଜାତୀୟ ରାଜପଥରେ ଯାତାୟତ କରୁଥିବା ଜନସାଧାରଣଙ୍କୁ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ମହିଳା ମହାବିଦ୍ୟାଳୟରୁ ବାହାରି ମ୍ୟୁନିସିପାଲିଟି, ଟ୍ରାଫିକ ଛକ ଦେଇ ପରିକ୍ରମା କରିଥିଲା। ଏଥିରେ ସୁନାବେଡ଼ା ଥାନା ଆଇଆଇସି ସୁମିତ୍ରା ଜେନା, ଏସ୍‌ଆଇ ମୁକୁନ୍ଦ କୁମାର ମେଲକା ସାମିଲ ଥିଲେ।

## ଧାନ ବିକିଲେ, ମାସେ ପରେ ବି ମିଳିନି ଟଙ୍କା

ଜୟପୁର,୧୮।୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରୀଗୁଡ଼ାର ଦଶମନ୍ତପୁର, ମାଝିଗୁଡ଼ା ଓ କଲାର ପଞ୍ଚାୟତର ଚାଷୀଙ୍କ ଅମଳ ଖରିଫ ଧାନ ବିକ୍ରି ହେବାର ଏକ ମାସ ହେଲାଣି । କିନ୍ତୁ ଧାନବିକା ବାବଦକୁ ଟଙ୍କା ମିଳି ନ ଥିବା ଅଭିଯୋଗ କରି ଚାଷୀମାନେ ଏଆରସିଏସ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଦୁଇଦିନ ତଳେ ଅନଲାଇନ ପାସୱାର୍ଡ ପହଞ୍ଚିଥିବା ଯୋଗୁ ବୈପାରୀଗୁଡ଼ା ଲ୍ୟାମ୍ପରେ ସମସ୍ତ ଚାଷୀଙ୍କ କାଗଜପତ୍ର ଯାଞ୍ଚ ପରେ ସୋମବାର ସୁଦ୍ଧା ପୈଠ କରାଯିବ ବୋଲି ଏଆରସିଏସ୍ ଅଶୋକ ଭଟ୍ଟମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ଉପରୋକ୍ତ ୩ଟି ପଞ୍ଚାୟତର ୪୦୬ ଜଣ ଚାଷୀ ଦଶମନ୍ତପୁର ମଣ୍ଡିରେ ଗତ ଡିସେମ୍ବର ୭ରୁ ଧାନ ବିକିଥିଲେ। କେବଳ ୭୦ରୁ ୮୦ ଜଣ ଚାଷୀ ଧାନବିକା ଟଙ୍କା ପାଇଥିବା ବେଳେ ଅନ୍ୟମାନଙ୍କ ଖାତାକୁ ଟଙ୍କା ଚଢ଼ିନାହିଁ। ଦଶମନ୍ତପୁର ପଞ୍ଚାୟତର ଚାଷୀ ଟଙ୍କଧର ଦଳେଇଙ୍କ ୨୬ କୁଇଣ୍ଟାଲ ଧାନବିକା ଟଙ୍କା ଜମା ହୋଇ ନ ଥିବାବେଳେ ତାଙ୍କ ସ୍ତ୍ରୀ ରୁକମଣି ଦଳେଇଙ୍କ ଜମିର ୫୦ କୁଇଣ୍ଟାଲ ଧାନବିକା ଅର୍ଥ ବ୍ୟାଙ୍କରେ ଜମା ହୋଇଛି। ଗୋଟିଏ ଦିନରେ ଉଭୟଙ୍କ ଧାନ ବିକ୍ରି ହୋଇଥିଲେ ମଧ୍ୟ ଏଭଳି ହେବା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଆରସିଏସ୍ ଭଟ୍ଟମିଶ୍ର କହିଛନ୍ତି, ଅଫଲାଇନରେ ଦଶମନ୍ତପୁର ମଣ୍ଡିର ଧାନ କିଣା ହୋଇଥିବା ଯୋଗୁ ପାସୱାର୍ଡ ଆସି ନ ଥିବାରୁ ବିଳମ୍ବ ହୋଇଛି। କିନ୍ତୁ ଅନ୍ୟ ୭୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟଙ୍କା କିଭଳି ଜମା ହେଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ କୁନ୍ଦୁରା ବ୍ଲକ ରାଣୀଗୁଡ଼ା ଓ କେରିମିଟି ପଞ୍ଚାୟତର ଚାଷୀଙ୍କର ମଧ୍ୟ ସମାନ ସମସ୍ୟା ହୋଇଥିଲା।



ସମବାୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଚାଷୀ ।

## ସଂକ୍ଷେପରେ

### ମୋବାଇଲ ବ୍ୟାଟେରି ଫାଟି ନାବାଳକ ଗୁରୁତର



ଟିକିରି, ୧୮।୧ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ କାଶୀପୁର ଗାଁ ଦଳିତସାହିରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗେମ୍ ଖେଳୁଥିବା ବେଳେ ଅପରାହ୍ନ ସାଢେ ୪ଟାରେ ମୋବାଇଲ ବ୍ୟାଟେରି ଫାଟି ଯିବାରୁ ଗ୍ରାମର ସଦାନନ୍ଦ ନାଏକଙ୍କ ୧୧ ବର୍ଷର ପୁଅ ନିରଞ୍ଜନ ଗୁରୁତର ହୋଇଛନ୍ତି। ସଙ୍ଗେ ସଙ୍ଗେ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରିବାର ଲୋକେ ଘରୋଇ କାମରେ ବ୍ୟସ୍ତ ଥିବାବେଳେ ନିରଞ୍ଜନ ଏକାକି ଘର ଭିତରେ ବସି ହାତରେ ଏକ ସ୍ମାର୍ଟ ଫୋନ୍‌ରେ ଗେମ୍ ଖେଳୁଥିଲେ। ହଠାତ୍ ମୋବାଇଲ ବ୍ୟାଟେରୀ ଫାଟି ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ପରିବାର ଲୋକେ ଦୌଡ଼ି ଆସି ଦେଖିଲା ବେଳକୁ ନିରଞ୍ଜନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଛନ୍ତି । ତାଙ୍କ ଚାରିପାଖରେ ମୋବାଇଲ ଖଣ୍ଡ ଖଣ୍ଡ ହୋଇ ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କର ମୁହଁ, ହାତ,ଗୋଡ, ଛାତି, ବେକରେ ଆଘାତ ଲାଗିଛି।

### ଫକୀରମୋହନଙ୍କ ଜୟନ୍ତୀ ପାଳିତ



ଗୁଣପୁର,୧୮।୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର କଲେଜଠାରେ ଶୁକ୍ରବାର ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡମ୍ବସରା ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ.କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଫକୀର ମୋହନଙ୍କ ଜୀବନୀ ସହ ଓଡିଆ ଜାତି ତଥା ଭାଷା ପ୍ରତି ତାଙ୍କର ଅବଦନା ଉପରେ ଆଲୋକପାତ କରିଥିଲେ । ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଜଗନ୍ନାଥ ଦୀପ ଏବଂ ଅଧ୍ୟାପକ ଗୋକୁଳାନନ୍ଦ ସାହୁ ଉପସ୍ଥିତ ଥିଲେ । ଫକୀର ମୋହନଙ୍କ ରଚିତ ବିଭିନ୍ନ ଉପନ୍ୟାସ, ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ଛାତ୍ରୀ ଲିପସାରାଣୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଦିପ୍ତିମୟୀ ଚୌଧୁରୀ ପରିଚୟ ପ୍ରଦାନ କରିଥିଲେ । ଛାତ୍ର ଶ୍ରୀଧର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ପାହାଡ଼ ଚଢ଼ିଲେ, ସମସ୍ୟା ବୁଝିଲେ

## ଉଡ୍ଡୁରେ ବିଡ଼ିଓ

ଗୁଡାରୀ,୧୮।୧(ଡି.ଏନ୍.ଏ.)

ଗୁଡ଼ାରୀ ବିଡ଼ିଓ ନୃସିଂହଚରଣ ସେଠୀ ଶନିବାର ପାହାଡ଼ ଚଢି ମଧୁବନ ପଞ୍ଚାୟତର ଉଡ୍ଡୁ ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି । ସେ ପ୍ରଥମଥର ଉକ୍ତ ଗ୍ରାମକୁ ଯାଇଛନ୍ତି । ଏହି ଗ୍ରାମରେ ୩୮ ପରିବାରର ପ୍ରାୟ ୧୬୦ ଜଣ କନ୍ଧ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ଲାଗି ଗ୍ରାମରେ ରହିଛି ଗୋଟିଏ ନଳକୂପ । ଫଳରେ ଲୋକେ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି । ସେହିପରି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ପିଲା ସଂଖ୍ୟା କମ ଯୋଗୁ ୨୦୧୭ରେ ବନ୍ଦ ହୋଇଗଲା । କେବଳ ଅଙ୍ଗନୱାଡି



ବିଡ଼ିଓ ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି ।

କେନ୍ଦ୍ର ହିଁ ଏଠାରେ ଥିବା ଗ୍ରାମବାସୀ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଗାଁର ବିକାଶ ନିମନ୍ତେ କିତାଡାମ୍‌ରୁ ଉଡ୍ଡୁ ପ୍ରାୟ ୬ କି.ମି. ରାସ୍ତା ନିର୍ମାଣ ନିମନ୍ତେ ୨୦୧୯-୨୦ରେ ଏମ୍‌ଏନ୍‌ଆର୍‌ଇଜିଏ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ନିକଟସ୍ଥ କିତାଡାମ୍‌ରୁ ଉଡ୍ଡୁ ପର୍ଯ୍ୟନ୍ତ ଗମନାଗମନର ମାଧ୍ୟମ ହେଲା ନିଘଞ୍ଚ ପାହାଡ଼ । ୬ କିମି ପାହାଡ଼ ଚଢ଼ି ଉଡ୍ଡୁ ଗ୍ରାମବାସୀ ଯାତାୟାତ କରିଥାନ୍ତି । ବର୍ତ୍ତମାନ ପ୍ରାୟ ୪କି.ମି. ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ଆଉ ୨ କି.ମି. ବଳକା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ । କାର୍ଯ୍ୟ ତଦାରଖ ଓ ସ୍ଥିତି ପରଖିବା ନିମନ୍ତେ ବିଡିଓଙ୍କ ସହ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ରାଓ, ଜିପିଇଓ ଦଣ୍ଡାସୀ ମାଣ୍ଡାଙ୍ଗି, ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ସାହୁ, ଜିଆରଏସ୍ ରଷି ଶବର ଏବଂ ଅଙ୍ଗନୱାଡି ସୁପରଭାଇଜର ଉପସ୍ଥିତ ଥିଲେ । ଉକ୍ତ ରାସ୍ତା କାମ ଜାନୁୟାରୀ ସୁଦ୍ଧା ଶେଷ କରାଯିବ । ଏଥିସହ ଗାଁର ବିକାଶ କ୍ଷେତ୍ରରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଧ୍ୟାନ ଦେବ । ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଇନ୍ଦିରା ଆବାସ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି ବିଡ଼ିଓ ପ୍ରକାଶ କରିଥିଲେ ।



ଉତ୍ସବରେ ଉପସ୍ଥିତ ଅତିଥି ।

# ମା’ ମାର୍କମା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଷମକଟକ, ୧୮।୧(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ମା’ ମାର୍କମା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ର ନିଜର ଅଧ୍ୟବସାୟ ବଳରେ ଉଚ୍ଚକୁ ଯାଇ କଲେଜ ନାଁ କୁ ଗୌରବାନ୍ୱିତ କରିପାରିବେ ବୋଲି କହିଥିଲେ । ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ମହାବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ଜି.ମନ୍ମଥ ରାଓ, ଯୁକ୍ତ ଦୁଇ ବର୍ଗର ଅଧ୍ୟକ୍ଷ ସୁଦର୍ଶନ ରଥ, ଯୁକ୍ତ ତିନି ବର୍ଗର ଅଧ୍ୟକ୍ଷ ଲ୍ୟୁଟନାଣ୍ଟ ବି.ରବିଶଙ୍କର ସମ୍ମାନିତ ଅତିଥି, ଅନନ୍ଦପୁର ସରସ୍ୱତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାଗିରଥି ପଲେଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅଶ୍ୱିନୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବିଭିନ୍ନ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ସରଗି ଫୁଲ କାର୍ଯ୍ୟକ୍ରମକୁ ନେଇ ସିଡି ପ୍ରସ୍ତୁତ



କଳାକାରମାନଙ୍କ ଦ୍ୱାରା ନୃତ୍ୟ କରାଯାଉଛି ।

ଗୁଣପୁର,୧୮।୧(ଡି.ଏନ.ଏ)

ଅନୁସୁଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାସହ ସେମାନଙ୍କ ପ୍ରତିଭାକୁ ବିକାଶ କରିବା ଦିଗରେ ସରଗିଫୁଲ କାର୍ଯ୍ୟକ୍ରମ ହେଉଛି। ଏହାକୁ ଦୃଷ୍ଟିରେ ରଖି ଏକ ଭିଡିଓ ସିଡି ପ୍ରସ୍ତୁତ ହୋଇଛି । ଏହି ଗୀତକୁ ରଚନା ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଦିଲୀପ କୁମାର ଚୌଧୁରୀ । ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ କୁମାର ବଛା । ଦିଲିପ ଚୌଧୁରୀଙ୍କ ସହ ରାଧାରାଣୀ ଆଚାର୍ଯ୍ୟ ଅଭିନୟ କରିଛନ୍ତି । ସୁପ୍ରିତ ଏବଂ ସସ୍ମିତା କଣ୍ଠଦାନ କରିଥିବା ବେଳେ ଦିପିକା ସାହୁ ପ୍ରଯୋଜନା କରିଛନ୍ତି । ଏହା ପ୍ରସ୍ତୁତ କରିବାରେ ଏ.ଶ୍ରୀନିବାସ ଆଚାରୀ, ରମେଶ ଦାସ, ନରସିଂହ ନାଥ ଶତପଥୀ, ଗୌରୀଶଙ୍କର ମିଶ୍ର, ବିପିନ ବିଶ୍ୱାଳ, ଜ୍ୟୋସ୍ନାରାଣୀ ପାଢୀ, ଗାୟତ୍ରୀ ମିଶ୍ର ,ତପନ ସୁନାମୁଦି ଏବଂ ଉଦୟ ଶବର ପ୍ରମୁଖ ସହଯୋଗ କରିଛନ୍ତି । ଏହାର ଗୀତ ଏବଂ ନୃତ୍ୟ ଖୁବ ମନଛୁଆଁ ହୋଇଛି ।

# ଦୁଇ ଟ୍ରକ ଧକ୍କା, ଜଣେ ମୃତ

ବିଷମକଟକ ,୧୮।୧(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ବ୍ଲକ ଉର୍ଲାଯୋଡି ଛକସ୍ଥିତ ବାଙ୍ଗନାଳ ନିକଟରେ ଦୁଇଟି ଟ୍ରକ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି । ମୃତ ଟ୍ରକ ଡ୍ରାଇଭରର ପରିଚୟ ମିଳିନାହିଁ। ବିଶାଖାପାଟଣାରୁ ଏକ କୋଇଲା ବୋଝେଇ ଟ୍ରକ (ସି.ଜି.୦୪-ଏମ୍.ସି.୦୭୧୭) ରାଇଘର ଯାଉଥିଲା। ବିଷମକଟକ ବ୍ଲକ ଅନ୍ତର୍ଗତ ବାଙ୍ଗନାଳ ନିକଟରେ ଟ୍ରକଟି ଏକ ଉଠାଣିଆ ରାସ୍ତାରେ ଧୀରେ ଯାଉଥିବା ବେଳେ ପଛପଟରୁ ଆଉ ଏକ କୋଇଲା ବୋଝେଇ ଟ୍ରକ (ଏନ୍.ଏଲ୍.୦୧-ଏନ୍.୪୪୮୫) ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଖବରପାଇ ବିଷମକଟକ ପୋଲିସ ଏବଂ ଅଗ୍ନିଶମ ବିଭାଗ ଅଧିକାରୀମାନେ ପହଞ୍ଚି ଟ୍ରକ ମଧ୍ୟରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ ।

# ଗୁଣପୁର ଯବାନଙ୍କୁ ବ୍ରୋଞ୍ଜ ପଦକ

## ସର୍ବଭାରତୀୟ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା



ଗୁଣପୁର ଷ୍ଟେଶନଠାରେ ବିଷ୍ଣୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି ।

ଗୁଣପୁର,୧୮।୧(ଡି.ଏନ.ଏ)

ସିଆରପିଏଫ ଆନୁକୂଲ୍ୟରେ ନୂଆଦିଲ୍ଲୀ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଚତୁର୍ଥ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିମ୍‌ନାଷ୍ଟିକ ବିଭାଗରେ ରାୟଗଡା ଜିଲା ରାମନାଗୁଡା ବ୍ଲକସ୍ଥିତ ଭାମିନୀ ଆଇଆରବିଏନ ଯବାନ ବିଷ୍ଣୁ ଶ୍ରେଷ୍ଠଙ୍କୁ ମିଳିଛି ବ୍ରୋଞ୍ଜ ପଦକ । ସେ ଗୁଣପୁର ଫେରିବା ପରେ ଷ୍ଟେଶନଠାରେ ତାଙ୍କୁ ଯବାନମାନଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଜେତା ହାବିଲଦାର ବିଷ୍ଣୁଙ୍କୁ ଏହି ପଦକ ମିଳିଥିବାରୁ ଯବାନମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ପଦକ ହାସଲ ପରେ ବିଷ୍ଣୁ ଓଡିଶା ଆସି ରାଜ୍ୟ ପୋଲିସ ଡିଜିଙ୍କୁ ଭେଟିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଡିଜି ଶୁଭକାମନା ଜଣାଇଥିଲେ ।

# ସଡକ ସୁରକ୍ଷା ନେଇ ସଚେତନତା

ଗୁଣପୁର,୧୮।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି। ଏହିଅବସରରେ ଗୁଣପୁର କଲେଜଠାରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ନୂତନ ବସଷ୍ଟାଣ୍ଡଠାରେ ପହଁଞ୍ଚିଥିଲା। ଗୁଣପୁର ପୋଲିସ ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ନେଇ ସଚେତନ କରାଯାଇଥିଲା । ୪ ଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲଟ ପିନ୍ଧିବା, ବାଇକ ଚଳାଇବାବେଳେ ହେଲମେଟ ପିନ୍ଧିବା ଆଦି ନେଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଚେତନ କରାଯାଇଥିଲା । ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ.ପ୍ରେମାଂଶୁଶେଖର ରଥ, ଅଧ୍ୟାପକ ଭି.ଗଣେଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

# ଆହତ ଥାନା ଅଧିକାରୀଙ୍କୁ ଭେଟିଲେ ବିଧାୟକ

ଦାରିଙ୍ଗବାଡ଼ି,୧୮।୧(ଡି.ଏନ.ଏ.)

ରାଇକିଆ ଥାନା ଅଧିକାରୀ ଅଲେଖ ଗରଡ଼ିଆ ସୋମବାର ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ବାମ ହାତ ଭାଙ୍ଗି ଯାଇଥିବାରୁ ବୁଧବାର ଅସ୍ତ୍ରୋପଚାର କରାଯାଇଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ଆସନ୍ତା ଫେବୃଆରୀ ୭ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା ରାଇକିଆ ୨ୟ ମହୋତ୍ସବରେ ଯୋଗଦାନ କରିବାକୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏକ କାର୍‌କୁ ପିଛା କରିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ



କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ରାୟଗଡ଼ା ଅଫିସ/ଟିକିରି, ୧୮।୧(ଡ଼ି.ଏନ.ଏ)

ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ୟୁଏଆଇଏଲ ଯୁଗ୍ମ ସଭାପତି ମଜହର ବେଗ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ରାଲି ଓ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ନିକଟସ୍ଥ ଗ୍ରାମଗୁଡ଼ିକରେ ସଚେତନତା ସୃଷ୍ଟି କରିବ । ସଡ଼କ ସୁରକ୍ଷା ସପ୍ତାହର ବିଷୟବସ୍ତୁ ଥିଲା ‘ଯୁବ ଶକ୍ତି ଜରିଆରେ ପରିବର୍ତ୍ତନ ଆଣିବା’। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କର୍ଣ୍ଣେଲ ରଣବୀର ସିଂହଙ୍କ ନେତୃତ୍ୱରେ ଏକ ସୁରକ୍ଷା ଟାସ୍କ ଫୋର୍ସ ଗଠନ କରାଯାଇଥିଲା। ଯେଉଁ କର୍ମଚାରୀମାନେ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଥିଲେ ଏବଂ ଯେଉଁମାନେ ଶିଳ୍ପରେ ଦୁର୍ଘଟଣା ସମୟରେ ମୂଲ୍ୟବାନ ଜୀବନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୟୁଏଆଇଏଲର ୟୁନିଟ୍‌ମୁଖ୍ୟ ଏନ.ନାଗେଶ ଯୋଗ ଦେଇ ଉତ୍କଳ ଆଲୁମିନାରେ ସୁରକ୍ଷା ଉତ୍କର୍ଷ ଯାତ୍ରାରେ ସମସ୍ତ ଅଂଶୀଦାରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କିନ୍ନରଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୧୮।୧

ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ରାୟଗଡ଼ା କୋର୍ଟ ପରିସରରେ ଥିବା ଭିଡ଼ିଓ କନଫରେନ୍ସିଂ ହଲରେ କିନ୍ନରଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଛି । ଏଥିରେ ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିନ୍ନରମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଏକତ୍ରିତ ହୋଇ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ପଡ଼ିବ । ସମାଜରେ ଶିକ୍ଷାର ଉନ୍ନତି କରି ସମାଜର ମୁଖ୍ୟସ୍ରୋତରେ ଆସିବାକୁ ପଡ଼ିବ । ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କହିଛନ୍ତି। କିନ୍ନରମାନଙ୍କ ପାଇଁ ଥିବା ଆଇନଗତ ଅଧିକାର ନେଇ ସଚେତନ କରାଯାଇଥିଲା । ଯେଉଁ କିନ୍ନରମାନେ ଶୋଷିତ ଏବଂ ଅତ୍ୟାଚାରିତ ହେଉଥିବେ ସେମାନଙ୍କୁ ମାଗଣା ଆଇନ ସେବା ପ୍ରଦାନ କରାଯିବ । ସେମାନେ ଡ଼ିଏଲଏସଏ ସହ ଯୋଗାଯୋଗ କରିପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏଥିରେ ଅତିରିକ୍ତ ଜିଲା ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ , ସିନିୟର ସିଭିଲ ଜଜ୍ ସତରୂପା ଶତପଥୀ , ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା , ସୂର୍ଯ୍ୟ ନାରାୟଣ ମହାନ୍ତି , ଡ଼ିଏସପି ଶିବରାମ ନାୟକ, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର , ଡ଼ିଏଲଏସଏର ସଂଯୋଜକ ସାମୁଏଲ ତାଣ୍ଡି , ଜିଲା ଓକିଲ ସଂଘ ସମ୍ପାଦକ ଟୁଟୁ ଦାସଙ୍କ ସମେତ ଡ଼ିଏଲଏସଏ କର୍ମକର୍ତ୍ତା, ଶତାଧିକ କିନ୍ନର ଉପସ୍ଥିତ ଥିଲେ ।

# ପାଣି ପାଇଁ ଡହଳବିକଳ କାଲକାମାସା ଗ୍ରାମବାସୀ

## ଶୁଣୁନି ପ୍ରଶାସନ

- ଝରଣା ପାଣି ଭରସା
- ୨ଟି ନଳକୂପ ଅଚଳ
- ଷ୍ଟାଣ୍ଡପୋଷ୍ଟରୁ ବାହାରୁଛି ଦୂଷିତ ପାଣି



ମହିଳାମାନେ ଝରଣା ପାଣି ସଂଗ୍ରହ କରୁଛନ୍ତି ।

ରାୟଗଡ଼ା ଅଫିସ,୧୮।୧

ରାୟଗଡ଼ା ଜିଲା କୋଲନରା ବ୍ଲକ ଚାଟିକଣା ପଞ୍ଚାୟତ ରେ ରହିଛି କାଲକାମାସା ଗ୍ରାମ । ଶୀତ ଦିନେ ଲୋକେ ପାଣି ପାଇଁ ଡ଼ହଳବିକଳ ହେଉଛନ୍ତି। ବାଧ୍ୟ ହୋଇ ଲୋକେ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି। ଆଜକୁ ପ୍ରାୟ ମାସେ ହେବ ଏହି ସମସ୍ୟା ଭୋଗୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ପାହାଡ଼ ଉପରେ ଥିବା ଏହି ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାରର ୨୦୦ ଲୋକ ବସବାସ କରୁଛନ୍ତି । ଜିଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଏଠାରେ ଯୋଗାଇ ଦିଆଯାଇଥିବା ଷ୍ଟାଣ୍ଡ ପୋଷ୍ଟ ଅକାମୀ ହୋଇ ପଡ଼ି ରହିଛି । ଆଉ କିଛି ଷ୍ଟାଣ୍ଡ ପୋଷ୍ଟରେ ମାଟିଆ ଏବଂ ଦୂଷିତ ପାଣି ବାହାରୁଛି। ୨୦୧୦ରେ ଗ୍ରାମରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ସ୍ପ୍ରିଙ୍ଗ ୱାଟର ହାରବେଷ୍ଟ ପ୍ରକଳ୍ପ ଜରିଆରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା । ପାହାଡ଼ ନିକଟରେ ଥିବା ଝରଣାରୁ ନିର୍ଗତ ଜଳକୁ ବିଶୋଧନ କରି ଲୋକଙ୍କୁ ଯୋଗାଇ ଦିଆଯାଉଥିଲା । ଗ୍ରାମରେ ରାସ୍ତା ନିର୍ମାଣ ସମୟରେ ପାଇପ ଫାଟି ଉକ୍ତ ନଳାରେ ଦୂଷିତ ପାଣି ଆସୁଛି । ସେପଟେ ଗ୍ରାମରେ ଅନ୍ୟ ୨ ଟି ନଳକୂପ ମଧ୍ୟ ଅକାମୀ ହୋଇ ପଡ଼ି ରହିଛି । ଫଳରେ ଲୋକେ ବାଧ୍ୟ ହୋଇ ଝରଣା ପାଣି ପିଉଛନ୍ତି । ତେଣୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ମାସେ ହେବ ଏଠାରେ ପାନୀୟ ଜଳ ମୁଖ୍ୟ ସମସ୍ୟା ପାଲଟିଛି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଏହାର ମରାମତି କରାଯାଉ ବୋଲି କହିଛନ୍ତି ଗ୍ରାମର ରାଜେନ୍ଦ୍ର ଅଡ଼ଙ୍ଗକା । ପାଣି ଟିକିଏ ପାଇଁ ମହିଳାମାନେ ବେଶି ଅସୁବିଧା ଭୋଗୁଛନ୍ତିବୋଲି ହେତୁପାଲାକା କହିଛନ୍ତି।

## ସଂକ୍ଷେପରେ

### ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା, ୧୦ ଗୁରୁତର

ରେମୁଣା/ ବାହାନଗା, ୧୮।୧ (ଡି.ଏନ.ଏ.)- ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶେରଗଡ ନିକଟସ୍ଥ ମେଘନା ପେଟ୍ରୋଲ ପମ୍ପ ନିକଟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୧୦ଜଣ ଆହତ ହୋଇଥିବା ବେଳେ ୧୦ଜଣ ଗୁରୁତର ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଜଣଙ୍କର ଗୋଡ ଦୁଇଟି ଭାଙ୍ଗିଯାଇଥିବାରୁ ସେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପୋଲିସ ଜବତ କରଛି । ଘଟଣାସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ନ ହେବାରୁ ଖନ୍ତାପଡା ଥାନାରେ ମାମଲା ରୁଜୁ କରାଯାଇନାହିଁ। ଶନିବାର ଭୋର ସମୟରେ କଲିକତାରୁ ପୁରୀ ଆସୁଥିବା ଏକ ତୀର୍ଥ ଯାତ୍ରୀ ଘରୋଇ ବସ୍ (ନଂ.ଡବ୍ଲ୍ୟୁ ବି -୧୯-ଜି-୩୧୭୨)ରାତି ସାଢେ ୪ଟାରେ ଶେରଗଡ ସ୍ଥିତ ଜାତୀୟ ରାଜପଥ ନିକଟସ୍ଥ ମେଘନା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରେ ଛିଡା ହୋଇ ଥିବା ଏକ ମାଲ ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଏହି ବସ୍ କଲିକତାରୁ ପାଖାପାଖି ୭୦ଜଣ ତୀର୍ଥ ଯାତ୍ରୀଙ୍କୁ ଧରି ପୁରୀ ଆସୁଥିଲା ।

### କୋଟିଆ ସମାଜର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଚିତ୍ରକୋଣ୍ଡା,୧୮।୧(ଡି.ଏନ.ଏ.)- ଚିତ୍ରକୋଣ୍ଡା ଶିବମନ୍ଦିରଠାରେ କୋଟିଆ ସମାଜର ଆବାହକ ଟିବୁରାମ ତାଙ୍ଗୁଲଙ୍କ ନେତୃତ୍ୱରେ କୋଟିଆ ସମାଜର ବାର୍ଷିକ ଉତ୍ସବ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋଟିଆ ସମାଜର ବିଭିନ୍ନ ସମସ୍ୟା, ସମାଜର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ବାର୍ଷିକ ଉତ୍ସବ ପାଳନ ନେଇ ଆଲୋଚନା ହୋଇଥିଲା। ଆଗାମୀ ୨୨ରେ ଆଉ ଏକ ବୈଠକ ବସି ବାର୍ଷିକ ଉତ୍ସବ ସମ୍ପର୍କରେ ସବିଶେଷ ଆଲୋଚନା ହୋଇ ଦାୟିତ୍ୱ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକକୁ କୋଟିଆ ସମାଜର ସମ୍ପାଦକ କମଲୁ ହନ୍ତାଳ ପରିଚାଳନା କରିଥିଲେ।

### ଘନ କୁହୁଡ଼ିରେ ପିକନିକ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ: ୫ ଗୁରୁତର

ଭୋଗରାଇ,୧୮।୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇର ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ନହରା ଛକଠାରେ ଶନିବାର ଭୋର ସମୟରେ ଏକ ବୋଲେରୋ ଘନ କୁହୁଡ଼ିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ଥିବା ୧୦ଜଣ ବଙ୍ଗୀୟ ବ୍ୟକ୍ତିଙ୍କ ମଧ୍ୟରୁ ୫ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଭୋଗରାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ତାଙ୍କୁ ଦୀଘା ସରକାରୀ ଚିକିତ୍ସାଳୟ ପରେ କୋଲକାତା ହସ୍ପିଟାଲ ପଠାଯାଇଥିବା ସୂଚନା ମିଳିଛି।

ପଶ୍ଚିମବଙ୍ଗ ପୁରୁଲିଆ ଜିଲା ଅଞ୍ଚଳରୁ ବୋଲେରୋରେ ୧୦ଜଣ ବ୍ୟକ୍ତି ଦୀଘା ପିକନିକ୍ କରିବାକୁ ଜଳେଶ୍ୱର ଏନ୍‌ଏଚ୍ ୧୬ ରାଜପଥ ଦେଇ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଦୀଘା ଅଭିମୁଖେ ଆସୁଥିଲେ। ନହରା ଛକରେ ଘନ କୁହୁଡ଼ି ହେବାରୁ ଗାଡ଼ି ଧୀରେ ଧୀରେ ଚାଲୁଥିବା ବେଳେ ପଛପଟୁ ଏକ ବାଲି ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ବୋଲେରୋ ୬ ଫୁଟ୍ ତଳ ନୟନଯୋରିକୁ ଖସି ପଡ଼ିଥିଲା।

# ଶିକ୍ଷା ବିକାଶର ଚାବିକାଠି

ପଡିଆ, ୧୮।୧(ଡି.ଏନ.ଏ. )



ଉଦଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମା ସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପଡିଆ ବ୍ଲକ ଅଧ୍ୟକ୍ଷ ଦେବା ମାଡକାମି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣ୍ଡେ,ଭେଙ୍କେଟେଶ୍ୱର ରାଓ, କେ. ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୋରାପୁ ଭାସ୍କରଙ୍କ ଅଧ୍ୟକ୍ଷତା କରିଥିଲେ। ସମାଜର ବିକାଶରେ ପ୍ରାଥମିକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା ବିକାଶର ଚାବିକାଠି। ପ୍ରାଥମିକ ଶିକ୍ଷାକୁ ଶତପ୍ରତିଶତ ସଫଳ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ମିଳୁଥିବା ମାଝି କହିଥିଲେ। ଏହି ଅବସରରେ ସ୍କୁଲର ବିକାଶ ପାଇଁ ଏମପି ପାଣ୍ଠିରୁ ୩ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶୁକଦେବ ନାଥ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି କୋଟାମ ବାଲାୟା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାକଡ଼କୁ ଓଲଟିଲା କାର, ଚାଳକ ଆହତ

କାଲିମେଳା, ୧୮।୧(ଡି.ଏନ.ଏ.)



ଓଲଟି ପଡିଥିବା କାର୍ ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ପଞ୍ଚାୟତର ଏମଭି-୬୬ ଗ୍ରାମ ନିକଟରେ ଏକ କାର(ଓଡି୩୦ ସି-୩୭୮୬) ରାସ୍ତା କଡ଼କୁ ଓଲଟି ପଡିଛି। କାରଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣାଗସ୍ତ ଗାଡି ମାଲିକ ଏମପିଭି-୩୧ ଗ୍ରାମର କିଶୋର ବିଶ୍ୱାସ । କିଶୋରଙ୍କ ସାନଭାଇ କାର ଚଳାଉଥିଲେ। ଖବରରୁ ଜଣାପଡିଛି କିଶୋରଙ୍କ ସାନଭାଇ ତାଙ୍କର କେତେକ ସାଙ୍ଗଙ୍କୁ ନେଇ ବେଜାଙ୍ଗିବାଡା ମକର ମେଳାରେ ଛାଡିବାକୁ ଯାଇଥିଲେ। ସେମାନଙ୍କୁ ସେଠାରେ ଛାଡି ସେ ଦ୍ରୁତ ଗତିରେ ଘରକୁ ଫେରୁଥିବା ସମୟରେ ଏମଭି-୬୬ ଗ୍ରାମ ନିକଟରେ ଭାରସାମ୍ୟ ହରାଇଥିଲେ। ଫଳରେ କାରଟି ରାସ୍ତା କଡ ଧାନଜମିକୁ ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ କାର ନିକଟରେ ପହଞ୍ଚି କାରଚାଳକଙ୍କୁ ଉଦ୍ଧାର କରିଥିଲେ। ସେ ସମାନ୍ୟ ଆହତ ହୋଇଛନ୍ତି। ଏନେଇ ସେ କହିଛନ୍ତି ଯେ ଗୋଟିଏ ବାଇକ୍‌କୁ ସାଇଡ ଦେବାକୁ ଯାଇ ଏପରି ଦୁର୍ଘଟଣା ଘଟିଥିଲା। ଘଟଣା ପରେ କାଲିମେଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, କାଲିମେଳା ଅଞ୍ଚଳରେ ଦିନକୁ ଦିନ ବେପାରୁଆ ଗାଡିଚାଳନା ବୃଦ୍ଧି ପାଇବାରେ ଲାଗିଛି । ମାଲକାନଗିରି ପରିବହନ ବିଭାଗ ଓ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କେରଳ ଯିବେ ଆଦିବାସୀ ଯୁବତୀଯୁବକ

ମାଲକାନଗିରି,୧୮।୧(ଡି.ଏନ.ଏ)

ଭାରତୀୟ ସୀମା ସୁରକ୍ଷା ବାହିନୀ ଏବଂ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କେନ୍ଦ୍ର ସରକାରଙ୍କ ଯୋଜନାରେ ଅନ୍ୟ ରାଜ୍ୟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଚାଲିଚଳଣି, ଖାଦ୍ୟପେୟ, କୃଷି, ଶିକ୍ଷା, ଭାଷା ଏବଂ ବିଭିନ୍ନ ପର୍ବପର୍ବାଣି ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଯୁବତୀଯୁବକମାନେ କେରଳ ଯାତ୍ରା କରିଛନ୍ତି। ମାଲକାନଗିରି ଜିଲାର ମାଥିଲି , କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା, ଦୋରାଗୁଡା, ବଡପଦର, ଆରଏସି-୧, କୁଲିକୁଣ୍ଡା , ପାଣ୍ଡ୍ରାଗୁଡା, କୁଦ୍‌ନାଡ ଗ୍ରାମର ଏହି ଯୁବକଯୁବତୀମାନେ ସୀମା ସୁରକ୍ଷା ବାହିନୀର ସୁବେଦାର୍ ଅମରେନ୍ଦ୍ର କୁମାର ସିଂହ, କମାଣ୍ଡାଣ୍ଟଙ୍କ ଏସସି ଶେଖର ତତ୍ତ୍ୱାବଧାନରେ ଯାତ୍ରା କରିଛନ୍ତି। ସେମାନଙ୍କ ସହ ୨ ଜଣ ମହିଳା କନଷ୍ଟେବଲ ଯାଇଛନ୍ତି।





କେରଳ ଯିବାକୁ ମନୋନୀତ ହୋଇଥିବା ଆଦିବାସୀ ଯୁବତୀ ଯୁବକ ।

## ୩ ବ୍ରାଉନ୍‌ସୁଗାର ବେପାରୀ କୋର୍ଟଚାଲାଣ

ସୋର, ୧୮।୧(ଡି.ଏନ୍.ଏ.)

ସୋର ପୋଲିସ ଶୁକ୍ରବାର ଅଚାନକ ଚଢ଼ାଉ କରି ରାଜପଥ ପାର୍ଶ୍ୱ ବାରିକପୁର ବଜାର ନିକଟରୁ ୩ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨ ଗ୍ରାମ ବ୍ରାଉନସୁଗାର , ଗୋଟିଏ ମୋବାଇଲ ସହ ୩୧ ଶହ ଟଙ୍କା ଜବତ ହୋଇଛି। ୩ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଶୁକ୍ରବାର ସାପ୍ତାହିକ ହାଟ ଚାଲିଥିବା ବେଳେ ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀବଲ୍ଲଭ ସାହୁ ବ୍ରାଉନ୍‌ସୁଗାର ବେପାର ସହ ବକେୟା ଅର୍ଥ ଆଦାୟ କରିବାକୁ ଗୋଟିଏ ବାଇକ୍‌ରେ ଆସିଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନା ସୁଲଗଡ଼ିଆ ଗ୍ରାମର ଶ୍ରୀକାନ୍ତ ପେଡା(୩୭), ବନ୍ତ ଥାନା ଅଞ୍ଚଳର ସୁବ୍ରତ କର(୩୬) ଓ ଜଳେଶ୍ୱର ଥାନା ଶାସନବାଡ ଗ୍ରାମର ମୀର ସୈଫ ଅଲ୍ଲି(୨୪)ଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ବେଳେ ସୈଫ୍ ଅଲ୍ଲୀ ଘରେ ଅଧିକ ୧୫ ଗ୍ରାମ୍ ବ୍ରାଉନସୁଗାର ଥିବା ଜାଣିବା ପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ କ୍ରାଇମ୍ ଡିଏସ୍‌ପି ମନୋଜ କୁମାର ରାଉତ ସୋର ପୋଲିସ ଟିମ୍ ସହ ଗିରଫ ୩ ଜଣଙ୍କୁ ନେଇ ଜଳେଶ୍ୱର ଯାଇଥିଲେ। ସେଠାରେ ସ୍ଥାନୀୟ ପୋଲିସ ସୈଫ୍ ଅଲ୍ଲୀ ଘରେ ଛାନ୍‌ଭିନ୍ ବେଳେ ଏହି କାରବାର ନେଇ ଅଧିକ ତଥ୍ୟ ମିଳିଥିବା ବେଳେ ବ୍ରାଉନ୍‌ସୁଗାର ମିଳି ନ ଥିଲା। ଜବତ ୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଶ୍ରୀକାନ୍ତ ପେଡାଙ୍କଠାରୁ ମିଳିଥିବା ବେଳେ ଯୋଗାଣକାରୀ ସୈଫ୍ ଥିବା ଜଣାପଡିଛି। ସୋର ପୋଲିସ କେସ୍ ନଂ. ୧୬/୨୦ ରୁଜୁ କରି ତଦନ୍ତ ଚଳାଇଛି।

## ଜମିରେ ପାଣିର ସଦୁପଯୋଗ ନେଇ ପରାମର୍ଶ

### ପାଣି ପଞ୍ଚାୟତ ପକ୍ଷ ପାଳନ



ଅତିଥିମାନେ ପାଣି ପଞ୍ଚାୟତ ପକ୍ଷରୁ ଉଦ୍‌ଘାଟନ କରୁଛନ୍ତି ।

ଏମଭି ୭୯,୧୮।୧(ଡି.ଏନ.ଏ.)

ଏମଭି- ୭୯ ପୋଟେରୁ କେନାଲ ଡିଭିଜନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ପ୍ରଥମେ ଜଗନ୍ନାଥଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ ହୋଇଥିଲା। ପୋଟେରୁ ଜଳସେଚନ ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ସୁମନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ସବ୍ ଡିଭିଜନାଲ ଅଫିସର ନିହାର ରଞ୍ଜନ ସାମଲ, ଏମପି ପ୍ରତିନିଧି ଶମ୍ଭୁ ବାକ୍ସି, କୃଷି ଅଧିକାରୀ ବାସୁଦେବ ମଣ୍ଡଳ, ପବିତ୍ର ବାଘ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ପବିତ୍ର ବାଘ ଉପସ୍ଥିତ ଚାଷୀଙ୍କୁ ଜଳସେଚନ ଉପରେ ବିଭିନ୍ନ ସୂଚନା ଦେଇଥିଲେ। ପାଣି ପଞ୍ଚାୟତ ଉପରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚାଷୀମାନେ ଚାଷ ଜମିରେ ପାଣିର କିଭଳି ସଦୁପଯୋଗ କରିବେ ସେ ନେଇ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ। ବୀରେନ୍ଦ୍ର ଧାରୁଆ, ଅଜିତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ରୁଦ୍ରାକ୍ଷ ଶାହା, ଚିତ୍ତସେନ ମହାରଣା, ଶ୍ରୀକାନ୍ତ ବେହେରା, କୃଷ୍ଣ ସାଇଁ, ଚନ୍ଦ୍ରମଣି ସାଇଁ, ରଞ୍ଜିତ ମହାରଣା, ଧବଳ ରାଉତ ସହଯୋଗ କରୁଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୨୨ରେ ଜିଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ହେବ।

## ଅଞ୍ଚଳର ସମସ୍ୟା ବୁଝିଲେ ଏମପି

### କର୍ମୀ ସମ୍ମିଳନୀ

କାଲିମେଳା, ୧୮।୧(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ବିଜେଡି ପକ୍ଷରୁ ବ୍ଲକର ୨୩ଟି ପଞ୍ଚାୟତର ଦଳୀୟ କର୍ମୀ ଓ ନେତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଏମଭି-୧୦ ହରିମନ୍ଦିର ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ଦଳୀୟ କର୍ମୀଙ୍କୁ ତୃଣମୂଳ ସ୍ତରରୁ ସଙ୍ଗଠନ ଯେପରି ସୁଦୃଢ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସେ କର୍ମୀଙ୍କୁ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କର୍ମୀମାନେ ନିଜ ଅଞ୍ଚଳର ରାସ୍ତାଘାଟ, କଲଭର୍ଟ, ଧାନ ମଣ୍ଡି ସମସ୍ୟା ନେଇ ଏମପିଙ୍କୁ ଅବଗତ କରାଇଥିଲେ। ଏଥିରେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୂର୍ବତନ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, କାଲିମେଳା ବ୍ଲକ ସଭାପତି ଇ. ଭେଙ୍କଟ ରାଓ, ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଜିଲା ଯୁବ ସଭାପତି ଅନୁପ ମିସ୍ତ୍ରି, ଦିଲୀପ ବିଶ୍ୱାସ, ଶଙ୍କର ହାଲଦାର, ବିଶ୍ୱନାଥ ରେଡ୍ଡିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ତାଲିମ୍ ଶିବିର

ମାଲକାନଗିରି,୧୮।୧(ଡି.ଏନ.ଏ.)- ମାଲକାନଗିରି ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲାର ଶତାଧିକ ସ୍ୱେଚ୍ଛାସେବୀ ଯୁବତୀଯୁବକଙ୍କୁ ନେଇ ଦିନିକିଆ କର୍ମଶାଳା ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ୍ ସେବାପ୍ରାଧି କରଣ ସଚିବ ଅମରେଶ ନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ରୋହିତ୍ ଲାଲ ପରିଡା, ଅତିରିକ୍ତ ଜିଲା ଜଜ୍ ମୋହଲତ ଶାହା, ଆସିଷ୍ଟାଣ୍ଟ ସେସନ୍ ଜଜ୍ ହିମାଂଶୁ ଶେଖର ସିଂହ, ସବ୍ ଜଜ୍ ଏସଭି ଚେତା କୃପାଳିନୀ, ଏସଡିଜେଏମ୍ କୃଷ୍ଣଚନ୍ଦ୍ର ନାୟକ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜିଲା ଶିଶୁ ମଙ୍ଗଳ ଅଧିକାରୀ ନାରାୟଣ ଦାସ, ସଦସ୍ୟା ଚୁମ୍‌କି ବେହେରା, ସଦସ୍ୟ ଦୀନବନ୍ଧୁ ଦାସ, ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ମାଲକାନଗିରି ଜିଲାରେ ଅସହାୟ ଗରିବ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇ ଅର୍ଥ ଅଭାବରୁ ସେମାନେ ନିଜର ନ୍ୟାୟ ପାଇପାରୁ ନାହାନ୍ତି। ପାରିବାରିକ କଳହ, ଜମିବାଡି ମାମଲାରେ ଗରିବ ଲୋକଙ୍କ ପାଇଁ ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କିପରି ମାଗଣାରେ ନ୍ୟାୟ ମିଳିବା ବ୍ୟବସ୍ଥା ସହ ଆର୍ଥିକ ସୁବିଧା ରହିଛି ସେ ସମ୍ପର୍କରେ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବୁଝାଇଥିଲେ। ଏନେଇ ରହିଥିବା ଆଇନର ବିଭିନ୍ନଧାରା, ଉପଧାରା ଉପରେ ଉପସ୍ଥିତ ଯୁବତୀଯୁବକଙ୍କୁ ତାଲିମ୍ ଦେଇଥିଲେ । ସ୍ୱେଚ୍ଛାସେବୀ ମାନେ ନିଜ ନିଜ ଅଂଚଳରେ ଏହି ମାଗଣା ଆଇନ୍ ସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇ ସେମାନଙ୍କ ସମସ୍ୟା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।



ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ ।

## ୪ ବଖରା ଜଳିଗଲା

ଖଇରା, ୧୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡ଼ନୂଆଗାଁ ଗ୍ରାମରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ମୋହନ ସାହୁଙ୍କର ୪ ବଖରା ବାସଗୃହ ଭସ୍ମୀଭୂତ ହୋଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଲକ୍ଷାଧିକ ଟଙ୍କାର ଧାନଚାଉଳ ଆସବାବପତ୍ର ନଷ୍ଟ ହୋଇଯାଇଥିବାର କୁହାଯାଉଛି। ଖବର ପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ନେଇ ମୋହନ ସାହୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଶିଶୁବିଦ୍ୟାମନ୍ଦିରର ପରିଚାଳନା ସମିତି ପୁନର୍ଗଠିତ



ବିଦ୍ୟାଳୟ ପରିଚାଳନା କମିଟିର ନୂଆ କର୍ମକର୍ତ୍ତା ।

କୋରୁକୋଣ୍ଡା,୧୮।୧(ଡି.ଏନ.ଏ.)

କୋରୁକୋଣ୍ଡାସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପରିଚାଳନା ସମିତି ପୁନଃଗଠିତ ହୋଇଛି। ଦକ୍ଷିଣ ସମ୍ଭାଗ ସଂଯୋଜକ ବିଶ୍ୱମ୍ଭର ଦ୍ୱାରି ନବ ନିର୍ବାଚିତ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ପ୍ରଧାନଆଚାର୍ଯ୍ୟ ପରିତୋଷ ମଣ୍ଡଳ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ସଭାପତିରୂପେ ଗୁଟୁ ଚୌଧୁରୀ ମନୋନୀତ ହୋଇଥିବାବେଳେ ଉପସଭାପତି ଶଶାଙ୍କ କିର୍ତ୍ତନୀୟା, ସମ୍ପାଦକ ରମେଶ ଚନ୍ଦ୍ର ମହାରଣା, ଯୁଗ୍ମ ସମ୍ପାଦକ ଚନ୍ଦ୍ର ଡୁରୁକା ଏବଂ କୋଷାଧ୍ୟକ୍ଷ ପ୍ରଦୀପ ରୂପେ କୁମାର ମୁଦୁଲି ମନୋନୀତ ହୋଇଛନ୍ତି। ପରିଚାଳନା ସମିତିକୁ ବିଶାଖା ବୈରାଗୀ, ବୀଣା ମଣ୍ଡଳ, ପ୍ରଧାନଆଚାର୍ଯ୍ୟ ପରିତୋଷ ମଣ୍ଡଳ ଏବଂ ଆଚାର୍ଯ୍ୟ ପ୍ରତିନିଧି ରୂପେ ଦେବାଶିଷ ଜେନା ମନୋନୀତ ହୋଇଛନ୍ତି।

## କର୍ମୀ ସମ୍ମିଳନୀରେ ବିଧାୟକ-କର୍ମୀ ମୁହାଁମୁହିଁ

କୋରୁକୋଣ୍ଡା, ୧୮।୧ (ଡି.ଏନ.ଏ.)

ନବରଙ୍ଗପୁର ଏମପି ରମେଶ ମାଝୀ ଏବଂ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା କୋରୁକୋଣ୍ଡା ଶୁଳିଆ ପାହାଡ଼ସ୍ଥିତ ଶିବ ମନ୍ଦିର ନିକଟରେ ହେଉଥିବା କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ବିଧାୟକଙ୍କ କର୍ମୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବାକା କହିଥିଲେ ଯେ, ନିର୍ବାଚନ ସମୟରେ ବଙ୍ଗାଳି ସମ୍ପ୍ରଦାୟର ଲୋକମାନେ ତାଙ୍କୁ ଅଣଦେଖା କରିଥିଲେ। ଭୋଟ ମଧ୍ୟ ସେମାନେ ବିଜେଡିକୁ ଦେଇ ନାହାନ୍ତି। ନିର୍ବାଚନ ସମୟରେ ଖର୍ଚ୍ଚ ପାଇଁ ଯାହା ଅର୍ଥ ପ୍ରଦାନ କରାଯାଇଥିଲା ତାହା କେତେକ କର୍ମୀ ଖାଇଗଲେ। ଏହା ଶୁଣି ସେଠାରେ ଉପସ୍ଥିତ ଥିବା ଜଣେ ବଙ୍ଗାଳି ବ୍ୟକ୍ତି ରାଗିଯାଇ ବିଧାୟକଙ୍କୁ ଅନେକ କଥା ଶୁଣାଇଥିଲେ। ସେ କହିଥିଲେ ଯେ, ଯିଏ ଦଳରେ ଆଜିକୁ ୧୫ ବର୍ଷ ହେବ ଅଛି ବିଧାୟକ ତାଙ୍କ କଥା ଶୁଣୁନାହାନ୍ତି। ଯିଏ କାଲି ସକାଳୁ ଆସି ଦଳରେ ମିଶିଛି ବିଧାୟକ ତାଙ୍କ କଥାରେ ବାଟ ଚାଲୁଛନ୍ତି। ଅଞ୍ଚଳର ଯାହା କାମ ବିଧାୟକ ସେମାନଙ୍କୁ ଦେଉଛନ୍ତି। ତେବେ ଆମେ ଏତେ ବର୍ଷ ଧରି ଦଳ ପାଇଁ କାମ କଲେ ଲାଭ କ'ଣ ବୋଲି ସେ ପ୍ରଶ୍ନ ଉଠାଇ ବିଧାୟକ ପିସି ନେଇ କାମ ଦେଉଛନ୍ତି ବୋଲି ଆରୋପ ଲଗାଇଥିଲେ। ସେଠାରେ ଉପସ୍ଥିତ ଏମପି ମାଝି ଉଭୟଙ୍କୁ ବୁଝାଶୁଝା କରିଥିଲେ। ପରେ ଆୟୋଜିତ କର୍ମୀ ସମ୍ମିଳନୀ ସ୍ଥଗିତ ରଖାଯାଇଥିଲା। ଅନ୍ୟପକ୍ଷରେ ନିର୍ବାଚନର ୯ ମାସ ବିତିଯାଇଥିଲେ ମଧ୍ୟ ବିଧାୟକ ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡିକରେ ଥିବା ମୌଳିକ ସମସ୍ୟା କେତେ ଥର ବିଧାନସଭାରେ ଉଠାଇଛନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଥିଲେ। ସେ ନିର୍ବାଚିତ ହେବା ପରଠାରୁ ଅଞ୍ଚଳର ଲୋକଙ୍କ କେଉଁ ସମସ୍ୟା ଦୂର କରିଛନ୍ତି ବୋଲି ପଚାରି ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକରେ ସେ କରିଥିବା ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଥିଲେ। ଅନ୍ୟପକ୍ଷରେ ବିଧାୟକ ବାକା ଜାତିଆଣ ଭେଦଭାବ କରୁଥିବା କେତେକ ବିଜେଡି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲାରେ ପୂର୍ବରୁ କେତେକ ରାଜନେତା ଏହିପରି ଜାତିଆଣ ଭେଦଭାବ ସୃଷ୍ଟି କରି ନିଜର ରାଜନୈତିକ ସ୍ଥିତିକୁ ଶୋଚନୀୟ କରିଦେଇଥିବା ନଜୀର ରହିଛି।

## ୩୧ ସୁଦ୍ଧା ବାଲିମେଳା-ମାଥିଲି କ୍ରିକେଟ୍ ସଂଘ ପକ୍ଷରୁ ହେବ ପ୍ରତିଯୋଗିତା

### ଜିଲା କ୍ରିକେଟ୍ ଆସୋସିଏଶନ୍ ବୈଠକ

ମାଲକାନଗିରି,୧୮।୧(ଡି.ଏନ.ଏ.)

ମାଲକାନଗିରି ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଶନିବାର ଜିଲା ସଦର ମହକୁମାସ୍ଥିତ ଗୋଲ୍‌ଡେନ୍ ଭିଉ ସମ୍ମିଳନୀ କକ୍ଷରେ ସଂଘ ସଭାପତି ଏମ.ଡି ଫାରୁକ୍‌ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଭିଜନ୍-୨୦୨୪ ପାଇଁ ଖେଳାଳି ଚୟନ ଉପରେ ଆଲୋଚନା ହୋଇଥିଲା। ମାଲକାନଗିରି ଜିଲାର ୭ ଟି ବ୍ଲକର କ୍ରିକେଟ୍ ଖେଳାଳିଙ୍କୁ ନେଇ ୨ଟି ଦଳରେ ବାଲିମେଳା ଏବଂ ମାଥିଲିଠାରେ ଜାନୁୟାରୀ ୩୧ ସୁଦ୍ଧା ପ୍ରତିଯୋଗିତା କରାଯିବ । ଏହି ପ୍ରତିଯୋଗିତା ସମୟରେ ଓଡ଼ିଶା କ୍ରିକେଟ୍ ସଂଘର ରାଜ୍ୟ ପ୍ରତିନିଧି ମାନେ ଅଂଶଗ୍ରହଣ କରିବେ । ଯେଉଁ ଖେଳାଳିମାନେ ଚୟନ ହେବେ ସେମାନଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯିବ । ଜିଲା ସଂଘ ବାଲିମେଳା ଏବଂ ମାଥିଲିଠାରେ ପ୍ରତିଯୋଗିତା ପାଇଁ ସମସ୍ତ ବ୍ୟବସ୍ଥା କରିବେ। ବୈଠକରେ ସମ୍ପାଦକ ହୃଦାନନ୍ଦ ସାହୁ, କୋଷାଧ୍ୟକ୍ଷ ପପୁ ସିଂହ, ଏସ. ପ୍ରସାଦ ରାଓ, ରଞ୍ଜନ ମହାନ୍ତି, ଅଶୋକ ପଟ୍ଟନାୟକ, ସହଦେବ ଦାସ, ଗୌତମ୍ ଦାସ, ସୁରେନ୍ଦ୍ର ବିମଲ୍, ଟୁନା ନାୟକ, ବନମାଳୀ ବେରାଡ, ଶଙ୍କର କ୍ଷତି, ଆଲୋକ ମହାପାତ୍ରଙ୍କ ସହ ୭ଟି ବ୍ଲକର ଜଣେ ଲେଖାଏ ପ୍ରତିନିଧି ଉପସ୍ଥିତ ଥିଲେ।



ଆଗାମୀ ପ୍ରତିଯୋଗିତା ସମ୍ପର୍କରେ ବସିଥିବା ବୈଠକ ।

